Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ　نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ　وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ବାର୍ଷିକ ଦେୟ: ୩୦୦/-

ସଂଖ୍ୟା 30

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

# ସାପ୍ତାହିକ ବଦର କାଦିଆନ

# The Weekly BADAR Qadian ODIA

www.akhbarbadarqadian.in

ଗୁରୁବାର 27 ଜୁଲାଇ 2017　27 ୱଫା 1396 ହି.ଶ　03 ଜୁଲକାଦା 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ<sup>ଅ.ବ</sup>କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ହେ ଆତ୍ମୀୟ ! ଏହା ଦୀନ୍ (ଧର୍ମ) ଓ ଦୀନ୍‌ର ଉଦ୍ଦେଶ୍ୟ ନିମନ୍ତେ ଖିଦ୍‌ମତ୍ (ସେବା) ର ସମୟ ଅଟେ । ଏ ସମୟକୁ ଅନୁକୂଳ ବୋଲି ଜାଣ ଯେ ଏହା ପୁଣି କେବେ ପ୍ରାପ୍ତ ହେବନାହିଁ । ତୁମେ ନିଜର ଏପରି ନମୁନା (ଦୃଷ୍ଟାନ୍ତ) ଦେଖାଓ ଯାହାକୁ ଆକାଶରେ ଫିରସ୍ତାମାନେ ତୁମର ନିଷ୍ଠା ଦେଖି ଆଶ୍ଚର୍ଯ୍ୟ ହୋଇଯିବେ ଏବଂ ତୁମ ଉପରେ ଦରୁଦ୍ (ଅଭିବାଦନ) ପ୍ରେରଣ କରିବେ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ଆମର ଏହି ଯୁଗରେ କିଛି ବିଶେଷ ବିଦ୍‌ଆତ୍ (ପ୍ରଥା)ରେ ସ୍ତ୍ରୀମାନେ ସଂଶ୍ଳିଷ୍ଟ ଅଛନ୍ତି । ସେମାନେ ଏକାଧିକ ନିକାହ (ବିବାହ)କୁ ବହୁତ ଘୃଣ ଚକ୍ଷୁରେ ଦେଖୁଛନ୍ତି । ଯେପରି ତାହା ଉପରେ ବିଶ୍ୱାସ ଆଣୁନାହାଁନ୍ତି । ସେମାନଙ୍କୁ ଜଣାନାହିଁ ଯେ ଖୁଦାଙ୍କ ଶରିୟତ୍ ସବୁ ପ୍ରକାରର ନିଦାନ ନିଜ ଭିତରେ ରଖିଛି । ତେଣୁ ଯଦି ଇସ୍‌ଲାମ୍‌ରେ ଏକାଧିକ ବିବାହର ବ୍ୟବସ୍ଥା ନଥାନ୍ତା । ତେବେ ଯଦି ପୁରୁଷମାନଙ୍କ ପାଇଁ କୌଣସି କାରଣରୁ ଦ୍ୱିତୀୟ ବିବାହ କରିବାକୁ ପଡ଼େ ତେବେ ତାହାର ଉପଚାର ଶରିୟତ୍‌ରେ ମିଳିନଥାନ୍ତା । ଉଦାହଣ ସ୍ୱରୂପ ଯଦି ସ୍ତ୍ରୀ ପାଗଳ ହୋଇଯାଏ ବା କୁଷ୍ଠ ରୋଗରେ ପିଡ଼ୀତ ହୁଏ ବା ସବୁବେଳ ପାଇଁ କୌଣସି ଏପରି ରୋଗରେ ପିଡ଼ୀତ ହୁଏ ଯଦ୍ୱାରା ସମ୍ପୂର୍ଣ୍ଣ ନିରର୍ଥକ ହୋଇଯାଏ ବା ଅନ୍ୟ କୌଣସି ଏପରି ପରସ୍ଥିତି ହୁଏ ଫଳତଃ ସ୍ତ୍ରୀ କେବଳ ଦୟାର ପାତ୍ର ହୋଇ ରହିଯାଏ ଓ ପୁରଷ ମଧ୍ୟ ଏଥିଯୋଗୁଁ ଦୟାର ପାତ୍ର ହୋଇଯିବେ କି ତା ପାଇଁ ଏକାକୀ ଜୀବନ ବିତାଇବା କଷ୍ଟକର ହୋଇଯିବ । ଏପରି ଅବସ୍ଥାରେ ପୁରୁଷର ପୌରୁଷତା ଉପରେ ଅତ୍ୟାଚାର ହେବ ଯଦି ତାକୁ ଦ୍ୱିତୀୟ ବିବାହ ପାଇଁ ଅନୁମତି ନ ଦିଆଯିବ । ବାସ୍ତବରେ ଖୁଦାଙ୍କ ଶରିୟତ୍ ଏହିସବୁ ବିଷୟକୁ ଉପଲବ୍ଧି କରି ପୁରୁଷଙ୍କ ପାଇଁ ଏହି ରାସ୍ତା ଉନ୍ମୁକ୍ତ କରିଛି । ସେହିପରି କୌଣସି ଅସୁବିଧାର ସମ୍ମୁଖୀନ ଯଦି ସ୍ତ୍ରୀମାନେ ହେବେ, ଯେପରି ପୁରୁଷ ଯଦି ଅସମର୍ଥ ହୁଏ ତେବେ ସ୍ତ୍ରୀ ହାକିମଙ୍କ ମାଧ୍ୟମରେ ଖୁଲା କରିପାରିବେ ଯାହା ତାହାର ଅନୁରୂପ ଅଟେ । ଖୁଦାଙ୍କ ଶରିୟତ୍ ଔଷଧ ଦୋକାନ ସଦୃଶ । ଯଦି କୌଣସି ଦୋକାନରେ ପ୍ରତ୍ୟେକ ରୋଗର ଔଷଧ ମିଳେ ନାହିଁ ତେବେ ସେ ଦୋକାନ ତିଷ୍ଠି ପାରିବ ନାହିଁ । ତେଣୁ ଚିନ୍ତାକରି ଦେଖ ଯେ କଣ ଏହା ସତ ନୁହେଁ ଯେ ପୁରୁଷଙ୍କ ପାଇଁ ଏପରି ସମସ୍ୟା ଆସିଯାଉଛି ଫଳତଃ ସେ ଦ୍ୱିତୀୟ ବିବାହ ପାଇଁ ବ୍ୟାକୁଳ ହୋଇଯାଉଛି । ଏପରି ଶରିୟତ୍‌ର କି ଲାଭ ଯା ଭିତରେ ସବୁ ରୋଗର ଉପଚାର ନାହିଁ । ଦେଖ ଇଞ୍ଜିଲ୍‌ରେ ତଲାକ୍ ପାଇଁ କେବଳ ଜନା (ବ୍ୟଭିଚାର)କୁ ସର୍ତ୍ତ ରଖାଯାଇଥିଲା । ଏହା ବ୍ୟତୀତ ଅନ୍ୟାନ୍ୟ ଶହଶହ କାରଣ ଯାହା ସ୍ତ୍ରୀ ଓ ପୁରୁଷଙ୍କ ମଧ୍ୟରେ ପ୍ରାଣଘାତ ଶତୃତା ଜନ୍ମାଏ ତାର କୌଣସି ଚର୍ଚ୍ଚା ନଥିଲା । ସେଥିଯୋଗୁଁ ଇସାଇ କୌମ୍ ଏହି ତୃଟିକୁ ଏଡ଼ାଇ ପାରିଲେ ନାହିଁ । ପରିଶେଷରେ ଆମେରିକାରେ ଗୋଟିଏ ତଲାକ୍ କାନୁନ୍ ପାରିତ କରିବାକୁ ପଡ଼ିଲା । ତେବେ ଏବେ ଚିନ୍ତାକରନ୍ତୁ ଯେ ଏହି କାନୁନ୍ ହେବା ଯୋଗୁଁ ଇଞ୍ଜିଲ୍ କୁଆଡ଼େ ଗଲା । ଏବଂ ହେ ସ୍ତ୍ରୀ ଲୋକମାନେ ! ଚିନ୍ତା କରନାହିଁ ତୁମକୁ ଯେଉଁ ପୁସ୍ତକ ମିଳିଛି ତାହା ଇଞ୍ଜିଲ୍ ପରି ନୁହେଁ ଯେଉଁଥିରେ ମଣିଷ ହସ୍ତକ୍ଷେପ କରୁଛି, ବରଂ ସେଥିରେ ଯେପରି ପୁରୁଷଙ୍କ ଅଧିକାର ସୁରକ୍ଷିତ ଅଛି ସେହିପରି ସ୍ତ୍ରୀମାନଙ୍କର ମଧ୍ୟ ଅଧିକାର ସୁରକ୍ଷିତ ଅଛି । ଯଦି ସ୍ତ୍ରୀମାନେ ପୁରୁଷଙ୍କ ଏକାଧିକ ସ୍ତ୍ରୀ ରଖିବାରେ ଅସନ୍ତୁଷ୍ଟ ତେବେ ସେ ହାକିମଙ୍କ ଜରିଆରେ ଖୁଲା କରିପାରିବେ । ଖୁଦାଙ୍କର ଏହା କର୍ତବ୍ୟ ଥିଲା ଯେ ବିଭିନ୍ନ ପରସ୍ଥିତି ଯାହା ମୁସଲ୍‌ମାନ୍‌ମାନଙ୍କୁ ସମ୍ମୁଖିନ ହେବାକୁ ଥିଲା, ତାହା ସେ ନିଜ ଶରିୟତ୍ (ବିଧାନ) ରେ ବର୍ଣ୍ଣନା କରିଦେଉ । ଯଦ୍ୱାରା ଶରିୟତ୍ ଅସମ୍ପୂର୍ଣ୍ଣ ନହେଉ ଏବଂ ହେ ସ୍ତ୍ରୀଲୋକମାନେ ! ଯଦି ତୁମ ସ୍ୱାମୀମାନେ (ଉପରୋକ୍ତ କାରଣ ଯୋଗୁଁ) ଦ୍ୱିତୀୟ ନିକାହ୍ କରିବାକୁ ଚାହୁଁଛନ୍ତି ତେବେ ତୁମେ ଅଲ୍ଲାଃତାଲାଙ୍କ ଉପରେ ଆରୋପ ଲଗାଓ ନାହିଁ । ବରଂ ଦୁଆ କର ଯେ ଅଲ୍ଲାଃତାଲା ତୁମକୁ ଦୁଃଖ ଓ ବିପଦ ଆପଦରୁ ରକ୍ଷା କରନ୍ତୁ । ବାସ୍ତବିକ ସେ ପୁରୁଷ ଅତ୍ୟନ୍ତ ଅତ୍ୟାଚାରୀ ଓ ଦଣ୍ଡଯୋଗ୍ୟ ଅଟେ ଯିଏ ଦୁଇ ଦୁଇଟା ସ୍ତ୍ରୀ ରଖି ତାଙ୍କ ମଧ୍ୟରେ ନ୍ୟାୟ କରୁନାହିଁ । କିନ୍ତୁ ତୁମେ ନିଜେ ଅଲ୍ଲାଃଙ୍କ ଅମାନ୍ୟ କରି ଅଲ୍ଲାଃଙ୍କ କୋପର କାରଣ ହୁଅନାହିଁ । ପ୍ରତ୍ୟେକ ବ୍ୟକ୍ତି ନିଜ କର୍ମର ହିସାବ ଦେବେ । ଯଦି ତୁମେ ଖୁଦାଙ୍କ ଦୃଷ୍ଟିରେ ପୁଣ୍ୟବାନ ହେବ ତେବେ ତୁମ ସ୍ୱାମୀମାନେ ମଧ୍ୟ ପୁଣ୍ୟବାନ୍ ହେବେ । ଯଦିଚ ବିଭିନ୍ନ କାରଣ ଦୃଷ୍ଟିରୁ ଶରିୟତ୍ ଏକାଧିକ ସ୍ତ୍ରୀ ରଖିବା ପାଇଁ ଅନୁମତି ଦେଇଛି କିନ୍ତୁ ଐଶ୍ୱରିକ କାନୁନ୍ ତୁମ ପାଇଁ ଉନ୍ମୁକ୍ତ ଅଛି ଯଦି ଶରିୟତ୍ କାନୁନ୍‌କୁ ତୁମେ ଗ୍ରହଣ କରିପାରୁନାହିଁ ତେବେ ଦୁଆ ଓ କଜା ଓ କଦର (ବିଧିର ବିଧାନ) ଦ୍ୱାରା ଲାଭ ଉଠାଅ । କାରଣ କଜା ଓ କଦର (ବିଧିର ବିଧାନ) ର ନିୟମ ଶରିୟତି ନିମୟ ଉପରେ ବିଜୟ ପାଇଥାଏ । ତକ୍‌ୱା ଗ୍ରହଣ କର ସଂସାର ଓ ସାଂସାରିକ ସୌନ୍ଦର୍ଯ୍ୟ ସହିତ ମାତ୍ରାଧିକ ମନ ଲଗାଓ ନାହିଁ । ଜାତି (କୌମ୍) ଗର୍ବ କରନାହିଁ । କୌଣସି ସ୍ତ୍ରୀ ଙ୍କ ସହିତ ଥଟ୍ଟା ପରିହାସ କରନାହିଁ । ସ୍ୱାମୀଙ୍କଠାରୁ ତାହା ଆଶା କରନାହିଁ, ଯାହା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ତୁମେ ନିଷ୍ପାପ ଓ ପବିତ୍ର ହୋଇ କବରରେ ଦାଖଲ ହେବା ପାଇଁ ଚେଷ୍ଟା କର । ଅଲ୍ଲାଃଙ୍କ ଧାର୍ଯ୍ୟ ନମାଜ ଜକାତ୍ ଇତ୍ୟାଦିରେ ଅଳସ କରନାହିଁ । ନିଜ ସ୍ୱାମୀଙ୍କର ସହୃଦୟତାର ସହିତ କଥା ମାନ । ତାଙ୍କ ସମ୍ମାନର ବହୁତ ଭାଗ ତୁମ ହାତରେ ଅଛି । ତେଣୁ ତୁମେ ନିଜର ଏହି ଦାୟୀତ୍ୱକୁ ଏପରି ଉତ୍କୃଷ୍ଟତାର ସହ ସମ୍ପାଦନ କର ଯଦ୍ୱାରା ଖୁଦାଙ୍କ ନିକଟରେ ତୁମେ ଜଣେ ସଦାଚାରୀ ରୂପେ ଗଣା ହେବ । ଅପବ୍ୟୟ କରନାହିଁ ଓ ସ୍ୱାମୀଙ୍କ ଧନକୁ ବିନା କାରଣରେ ଖର୍ଚ୍ଚ କରନାହିଁ । ଖୟାନତ୍ (ବିଶ୍ୱାସଘାତକତା) କରନାହିଁ, ଚୋରି କରନାହିଁ, ଅଭିଯୋଗ କରନାହିଁ । ଜଣେ ସ୍ତ୍ରୀ ଅନ୍ୟ ସ୍ତ୍ରୀ ବା ଅନ୍ୟ ପୁରୁଷ ଉପରେ ମିଥ୍ୟା ଦୋଷାରୋପ ନ କରୁ । ଏହି ସମସ୍ତ ଉପଦେଶ ଯାହା ଆମେ ଲେଖିସାରିଛୁ, ତାହା ଏ ଉଦ୍ଦେଶ୍ୟରେ ଅଟେ, ଫଳତଃ ଆମ ଯମାତ୍ ଖୁଦାତାଲାଙ୍କ ଭୟରେ ଉନ୍ନତି କରୁ ଯଦ୍ୱାରା ସେ ଏପରି ଯୋଗ୍ୟ ହୋଇଯାଆନ୍ତୁ ଯେ ଅଲ୍ଲାଃଙ୍କ କୋପ ଯାହା ପୃଥିବୀରେ ବ୍ୟାପି ଚାଲିଛି ତାହା ତାଙ୍କ ପର୍ଯ୍ୟନ୍ତ ନ ପହଂଚୁ ଏବଂ ସେମାନେ ଏହି ତାଉନ୍ ସମୟରେ ବିଶେଷ ରୂପେ ବଂଚିଯାଆନ୍ତୁ । ବାସ୍ତବିକ ତକ୍‌ୱା (ଦୁଃଖର ବିଷୟ ସତ୍ୟ ତକ୍‌ୱା ବହୁତ କମ୍ ଅଟେ) ଖୁଦାଙ୍କୁ ରାଜି (ପ୍ରସନ୍ନ) କରାଇଦିଏ ଏବଂ ଖୁଦା ମାମୁଲି ରୂପେ ନୁହେଁ ବରଂ ଏକ ନିଦର୍ଶନ ରୂପେ କାମିଲ୍ ମୁତତ୍‌କି (ସମ୍ପୂର୍ଣ୍ଣ ନିଷ୍ପାପର ବ୍ୟକ୍ତି)ଙ୍କୁ ବିପତିରୁ ବଂଚାଇଥାଏ । ପ୍ରତ୍ୟେକ ପ୍ରବଂଚକ ଓ ମୁର୍ଖ ମୁତ୍‌ତକି ହେବାର ଦାବୀ କରିଥାନ୍ତି । କିନ୍ତୁ ମୁତ୍‌ତକି ସେ ଅଟେ ଯିଏ ଖୁଦାଙ୍କ ନିଦର୍ଶନ ଦ୍ୱାରା ପ୍ରମାଣିତ ହୁଏ । ପ୍ରତ୍ୟେକ ଏହା କହିପାରିବେ ଯେ ମୁଁ ଖୁଦାଙ୍କୁ ପ୍ରେମ କରୁଛି କିନ୍ତୁ ଖୁଦାଙ୍କ ସହିତ ସେ ପ୍ରେମ କରିଥାଏ, ଯାହାଙ୍କ ପ୍ରେମ ଆକାଶୀୟ ନିଦର୍ଶନ ଦ୍ୱାରା ପ୍ରମାଣିତ ହେବ । ଏବଂ ପ୍ରତ୍ୟେକ କହୁଛନ୍ତି ଯେ ମୋ ଧର୍ମ ସତ୍ୟ ଅଟେ । କିନ୍ତ ସତ୍ୟ ଧର୍ମ ହେଉଛି ସେ ବ୍ୟକ୍ତିର ଯାହାଙ୍କୁ ଏହି ସଂସାରରେ ନୁର୍ (ଜ୍ୟୋତି) ପ୍ରାପ୍ତ ହୁଏ । ଏବଂ ପ୍ରତ୍ୟେକ କହୁଛନ୍ତି ଯେ ମତେ ମୋକ୍ଷ ପ୍ରାପ୍ତ ହେବ । କିନ୍ତୁ ଏ କଥାରେ ସତ୍ୟବାଦୀ ହେଉଛି ସେ ବ୍ୟକ୍ତି ଯିଏ ଏହି ସଂସାରରେ ମୋକ୍ଷର ଜ୍ୟୋତି ଦେଖିଦିଏ । ତେଣୁ ତୁମେ ଖୁଦାଙ୍କ ପ୍ରିୟ ହେବାପାଇଁ ଚେଷ୍ଟା କର । ଯଦ୍ୱାରା ତୁମେ ପ୍ରତ୍ୟେକ ଆପଦ ବିପଦରୁ ବଂଚିଯିବ । କାମିଲ୍ ମୁତ୍‌ତକି (ସମ୍ପୂର୍ଣ୍ଣ ନିଷ୍ପାପର ବ୍ୟକ୍ତି)ଙ୍କୁ ତାଉନ୍‌ରୁ ବଂଚାଇ ଦିଆଯିବ । କାରଣ ସେ ଖୁଦାଙ୍କ ଶରଣରେ ଅଛି । ତେଣୁ ତୁମେ କାମିଲ୍ ମୁତ୍‌ତକି ହୋଇଯାଅ । ଯାହା କିଛି ଖୁଦା ତାଉନ୍ (Plegue) ସମ୍ବନ୍ଧରେ କହିଛନ୍ତି ତାହା ତୁମେ ଶୁଣି ସାରିଛ । ତାହା ଏକ କ୍ରୋଧର ବହ୍ନି ଅଟେ । ତେଣୁ ତୁମେ ନିଜକୁ ସେହି ନିଆଁରୁ ବଂଚାଓ ଯେଉଁ ବ୍ୟକ୍ତି ସତ୍ୟତାର ସହ ମୋ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ......*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ଭାଗ-୨

# ଗୋଟିଏ ବୈଠକରେ ତିନି ତଲାକ୍‌ର ଶରିୟତି ନିୟମକାନୁନ୍ ଓ ସ୍ତ୍ରୀ ମାନଙ୍କ ଅଧିକାର

ମନ୍‌ସୁର୍ ଅହେମଦ୍ ମସ୍‌ରୁର୍ (ଏଡିଟର୍-ଉର୍ଦ୍ଦୁ ବଦର୍)

ପୂର୍ବ ଅଙ୍କରେ ଆମେ ସୁପ୍ରିମ୍ କୋର୍ଟରେ ପ୍ରାୟ ଏକ ବର୍ଷ ହେବ ଚାଲିଥିବ । ତିନି ତଲାକ୍ ଉପରେ ମୋକଦମାର ପୃଷ୍ଠ ଭୂମି ବିଷୟରେ ବର୍ଣ୍ଣନା କରିଥିଲୁ ଏବଂ ଏ ବାବଦରେ ମର୍କଜ ଓ ପର୍ସନଲ ଲ ବୋର୍ଡ଼ର ମତକୁ ସଂକ୍ଷିପ୍ତରେ ବର୍ଣ୍ଣନା କରାଯାଇଥିଲା । ଏବେ ଆମେ ନିଜର ଅସଲ ମୁଦାକୁ ଉପସ୍ଥାପନ କରିବୁ ଅର୍ଥାତ୍ ତିନି ତଲାକ ଇସ୍‌ଲାମୀୟ ଶିକ୍ଷା ମୁତାବକ ସଠିକ୍ ବା ନୁହେଁ ? ଏବଂ ଯଦି କେହି ଗୋଟିଏ ବୈଠକରେ ତିନି ତଲାକ୍ ଦେବ ତା ଉପରେ କି ପ୍ରକାର ନିୟମ ଲାଗୁହେବ । ତତ୍‌ସହିତ ତଲାକର ଇସ୍‌ଲାମୀୟ ବ୍ୟବସ୍ଥା କଣ ?

ପ୍ରୀୟ ଆକା ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଯାହାଙ୍କ ଉପରେ ପବିତ୍ର କୋରାନ୍ ପରି ସମ୍ପୂର୍ଣ୍ଣ ଓ ମହାନ ଶରିୟତ ଅବତୀର୍ଣ୍ଣ ହୋଇଛି । ଏବଂ ଯିଏ କୋରାନ୍‌ର ଶିକ୍ଷାଗୁଡିକୁ ସବୁଠାରୁ ଅଧିକା ଏବଂ ସବୁଠାରୁ ଭଲ ରୂପେ ବୁଝିଥିଲେ । ଆପଣ ସ:ଆ:ସଙ୍କ ଶିକ୍ଷା ମୁତାବକ ଗୋଟିଏ ବୈଠକରେ ତଲାକ୍ ଦେବାର ଇସ୍‌ଲାମ୍‌ରେ କୌଣସି ଶରିୟତି ବୈଧତା ନାହିଁ । ଯମାତ୍ ଅହେମଦୀୟା ଏପରି ଅଣ ଶରିୟତି କାର୍ଯ୍ୟକୁ ନିଶ୍ଚିତ ରୂପେ ଅପସନ୍ଦ ଦୃଷ୍ଟିରେ ଦେଖେ ଓ ଆ ପାଇଁ ଦୁଃଖ ପ୍ରକାଶ କରୁଛି ।

କେବଳ ଗୋଟିଏ ତଲାକ୍‌ର ମାମଲା ନୁହେଁ, ବର୍ତମାନ ସମୟରେ ଅଧିକାଂଶ ମୁସଲ୍‌ମାନ୍ କିସମ କିସମର ଶିରକ୍ (ଅନେକଶ୍ୱରବାଦ), ବିଦ୍‌ଅତ୍ (ପ୍ରଥା) ଓ ପଥଭ୍ରଷ୍ଟ କାର୍ଯ୍ୟରେ ବୁଡ଼ି ରହିଛି । ଯାହାର କୌଣସି ସମ୍ପର୍କ ଶରିୟତ୍ ସହିତ ଲେସମାତ୍ର ନାହିଁ । ଏପରି ସମୟରେ ବିଶେଷ କରି ମୁସଲ୍‌ମାନମାନଙ୍କୁ ଓ ସାଧାରଣତଃ ସମଗ୍ର ମାନବଜାତିକୁ ଅନ୍ଧାର ଭିତରୁ ବାହାର କରିବା ପାଇଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଯେଉଁ ରିଫର୍ମର, ଇମାମ୍ ମେହେଦୀ, ମସିହ୍ ମଉଦ୍ ଓ କଲ୍କୀ ଅବତାରଙ୍କୁ ଆସିବାର ଥିଲା ସେ ଆସି ସାରିଛନ୍ତି । ସେ ହେଉଛନ୍ତି ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନ୍ ଆ:ସ ଯିଏ ୧୮୮୯ ମସିହାରେ ଯମାତ୍ ଅହେମଦୀୟାର ମୂଳଦୁଆ ରଖିଥିଲେ ଓ ଏକ ପୁଣ୍ୟବାନ ଓ ପବିତ୍ର ଲୋକମାନଙ୍କ ଯମାତ୍ ସୃଷ୍ଟି କଲେ ଯିଏ ଇସ୍‌ଲାମୀୟ ଶିକ୍ଷାର ବିଲ୍‌କୁଲ୍ ସଠିକ୍ ଓ ବାସ୍ତବିକ ନମୁନା ଅଟନ୍ତି । ତେଣୁ ଆଜି ଇସ୍‌ଲାମ୍‌ର ସଠିକ୍ ଚେହେରାକୁ ଯମାତ୍ ଅହେମଦୀୟାର ରୂପରେ ଦେଖାଯାଇପାରିବ । ଆଜି ସଂସାରର ଶାନ୍ତି ଏହି ମୁସ୍‌ଲେହ ରିଫର୍ମର ଏବଂ ତାଙ୍କ ଯମାତ୍‌ରେ ଜଡ଼ିତ ହେବାରେ ନିହିତ ଅଛି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:

ଅବ ଇସି ଗୁଲଶନ୍ ମେଁ ଲୋଗୋ ରାହତ୍ ଓ୍ୱ ଆରାମ୍ ହୈ
ଓ୍ୱକ୍‌ତ ହୈ ଯଲ୍‌ଦ୍ ଆସ ଆଏ ଆଓ୍ୱାରଗାନେ ଦଶ୍‌ତ ଖାର୍ ।

ଅର୍ଥାତ୍- ହେ ଲୋକମାନେ ! ଏବେ ଏହି ବଗିଚାରେ ତୁମେ ଶାନ୍ତି ଓ ଆରାମ୍ ପାଇବ । ସମୟ ଅଛି ଶିଘ୍ର ଆସ ହେ ଜଙ୍ଗଲର କଂଟକିତ ପଥରେ ବୁଲୁଥିବା ବ୍ୟକ୍ତିଗଣ ।

ଗୋଟିଏ ବୈଠକରେ ଅର୍ଥାତ୍ ଏକାଥରକେ ତିନି ତଲାକ କହି ନିକାହ ଶେଷ କରିଦେବାର ଅନୁମତି ଶରିୟତ୍ କଦାପି ଦେଇନାହିଁ । ଅହ୍‌ଲେ ହଦିସ୍ ଗୋଟିଏ ବୈଠକରେ ଏକାଥରକେ ତିନି ତଲାକ୍ ଦେବାକୁ ତିନଟି ନୁହେଁ ବରଂ ଗୋଟିଏ ତଲାକ୍ ବୋଲି ବିବେଚନା କରନ୍ତି । ଯଦିଚ ହନ୍‌ଫିମାନେ ଏହାକୁ ତିନୋଟି ରୂପେ ବିବେଚନା କରିଥାନ୍ତି ଏବଂ ଏହା ଉପରେ ସମ୍ପୂର୍ଣ୍ଣ ବିଛେଦର ଫତ୍‌ଓ୍ୱା ଲଗାଇଥାନ୍ତି । ସବୁ ହନ୍‌ଫିମାନେ ଏକମତ ଯେ ଗୋଟିଏ ବୈଠକରେ ତିନି ତଲାକ୍ ଦେବା ଲୋକ ତଲାକ୍ ବିଦତ୍ ଅଟେ । ଏବଂ ଏପରି ତଲାକ ପ୍ରଦାନକାରୀ ପାପୀ ହୋଇଥାଏ । କିନ୍ତୁ ଏହା ସତ୍ୱେ ଏମାନେ ଏପରି ତଲାକ୍‌କୁ ମାନି ନିଅନ୍ତି । ଯେ ଏକାଥରକେ ତିନି ତଲାକ ଲାଗୁ ହୋଇଥାଏ ବୋଲି । ଏହା ସହିତ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ ପାଇଁ ବିଛେଦ ହୋଇଯାଇଥାଏ ।

ହନ୍‌ଫିମାନଙ୍କ ବହୁତ ପ୍ରସିଦ୍ଧ ପୁସ୍ତକ ''କୋଦୁରୀ'' ଯାହା ଉଣା ଅଧିକେ ସବୁ ମଦର୍‌ସାରେ ପଢ଼ାହୁଏ ତଲାକ୍ ସମ୍ବନ୍ଧରେ 'କିତାବୁଲ୍ ତଲାକ୍' ଅଧ୍ୟାୟରେ ଲେଖାଯାଇଅଛି- 'ଅତ୍ ତଲାକୋ ଅଲା ସଲାସତି ଅଉଜୁହିମ୍ ଅହ୍‌ସନୁତ୍ ତଲାକ୍ ଓ୍ୱ ତଲାକୁସ୍ ସୁନ୍ନତି ଓ୍ୱ ତଲାକୁଲ୍ ବିଦ୍‌ଅତି' । ଅହ୍‌ସନୁତ୍ ତଲାକି ଅଇଁ ୟୁତଲ୍ଲିକର୍ ରଜୁଲୁ ଇମ୍‌ରାତୁହୁ ତତ୍‌ଲିକତନ୍ ଓ୍ୱାହିଦତନ୍ ଫି ତୁହୁରିନ୍ ଓ୍ୱାହିଦିନ୍ ଲମ୍ ୟୁଜାମିହା ଫିହି ଓ୍ୱ ୟତ୍‌ରୁକ୍‌ହା ହତ୍‌ତା ତନ୍‌କଜି ଇଦ୍‌ଦତହା । ଓ୍ୱ ତଲାକୁସ୍ ସୁନ୍ନତି ଅଇଁ ତୁତଲ୍ଲକଲ୍ ମଦ୍‌ଖୁଲୁ ବିହା ଫି ସଲାସତି ଅତ୍‌ହାରିନ୍ । ଓ୍ୱ ତଲାକୁଲ୍ ବିଦ୍‌ଅତି ଅଇଁ ୟୁତଲ୍ଲିକହା ସଲାସନ୍ ବିକଲିମତିନ୍ ଓ୍ୱାହିଦତିନ୍ ଅଓ ସଲାସନ୍ ଫି ତୁହୁରିନ୍ ଓ୍ୱାହିଦିନ୍ ଫଇଜା ଫାଆଲା ଜାଲିକା ଓ୍ୱକ୍‌ଅତ୍ ତଲାକୁ ଓ୍ୱ ବାନତ୍ ଇମ୍‌ରଅତହୁ ମିନ୍‌ହୁ ଓ୍ୱକାନା ଆସିୟନ୍ ।

ଅର୍ଥାତ୍-ତଲାକ୍ ତିନି ପ୍ରକାରର । ତଲାକ୍ ଅହସନ୍, ତଲାକ୍ ସୁନ୍ନତ୍ ଓ ତଲାକ୍ ବିଦ୍‌ଅତ୍ । ତଲାକ୍ ଅହସନ୍ ହେଉଛି ଏପରି ଯେ ସ୍ୱାମୀ ତା ସ୍ତ୍ରୀ କୁ ତୁହର୍ (ସ୍ତ୍ରୀ ପବିତ୍ର ଅବସ୍ଥାରେ ଥିବେ ଅର୍ଥାତ୍ ମାସିକ ଧର୍ମ ନଥିବ) ସମୟରେ କେବଳ ଗୋଟିଏ ତଲାକ୍ ଦେବ ଏବଂ ପବିତ୍ର ସମୟରେ ସେ ତା ସ୍ତ୍ରୀ ସହିତ କୌଣସି ଶାରିରୀକ ସମ୍ପର୍କ ରଖିବ ନାହିଁ ପୁଣି ଏକ ଲମ୍ବା ସମୟ ବିତିଯିବା ମଧ୍ୟରେ ଆଉ କୌଣସି ତଲାକ୍ ଦେବନାହିଁ । ଏପରିକି ଇଦ୍‌ଦତ୍ (ସମୟ ଅବଧି)ର ସମୟ ବିତିଯାଏ । ତଲାକ୍ ସୁନ୍ନତ୍ ହେଉଛି ତିନଟି ତୁହର୍‌ରେ ତିନି ତଲାକ୍ ଦେବା ଓ ତଲାକ୍ ବିଦଅତ୍ ହେଉଛି ଏକାଥରକେ ତିନଟିଯାକ ତଲାକ୍ ଦେବା । ଏପରି ଅବସ୍ଥାରେ ତଲାକ୍ ହୋଇଯିବ । କିନ୍ତୁ ଏ ତଲାକ୍ ମୁଗଲତା (ଭୁଲ୍) ବା ବତ୍‌ତା ହେବ ଓ ସ୍ୱାମୀ ଗୁନ୍‌ହାଗାର୍ (ପାପୀ) ହେବ ।

ଏବେ ସ୍ପଷ୍ଟ ହେଲା ଯେ ଏକାଥରକେ ତିନୋଟି ତଲାକ୍ ଦେବା ନା ତଲାକ୍ ଅହସନ୍ ନା ତଲାକ୍ ସୁନ୍ନତ୍ ଅଟେ ବରଂ ତାହା ତଲାକ୍ ବିଦଅତ୍ ଅଟେ । ବିଦଅତ୍ ସହିତ ଶରୀୟତ୍‌ର କୌଣସି ସମ୍ପର୍କ ନାହିଁ । ବିଦଅତ୍ ହେଉଛି ପଥଭ୍ରଷ୍ଟତା । ସେଥିଯୋଗୁଁ ଆଁ ହଜ୍‌ରତ୍ ସ:ଆ:ସ କହିଲେ: ଫଇନ୍ନା ଖଇରଲ୍ ହଦିସି କିତାବୁଲ୍ ଲାହି ଓ୍ୱ ଖଇରଲ୍ ହଦ୍‌ଇ ହଦ୍‌ୟୁ ମୁହମ୍ମଦିନ୍ ସ:ଆ:ସ ଓ୍ୱ ଶରରୁଲ୍ ଉମୁରେ ମୁହୁଦସତୁହା ଓ୍ୱକୁଲୁ ବିଦ୍‌ଅତିନ୍ ଜଲାଲତୁନ୍ (ମୁସ୍‌ଲିମ୍ କିତାବୁଲ୍ ଜୁମା...) । ଅର୍ଥାତ୍- ହଜ୍‌ରତ୍ ଜାବିର୍ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ସର୍ବଶ୍ରେଷ୍ଠ କଥା ହେଉଛି ଅଲ୍ଲାଃଙ୍କ ପୁସ୍ତକ ଓ ସର୍ବଶ୍ରେଷ୍ଠ ତରିକା (ପ୍ରଣାଳୀ) ହେଉଛି ମୁହମ୍ମଦ୍ ସ:ଆ:ସଙ୍କ ପ୍ରଣାଳୀ । ନିକୃଷ୍ଟତମ କାର୍ଯ୍ୟ ହେଉଛି ଦୀନ୍‌ରେ ନୁଆନୁଆ ବିଦ୍‌ଅତ୍ (ପ୍ରଥା) ସୃଷ୍ଟି କରାଇବା । ପ୍ରତ୍ୟେକ ବିଦ୍‌ଅତ୍ ପଥଭ୍ରଷ୍ଟତା ଆଡ଼କୁ ନେଇଯାଏ ।

ହନ୍‌ଫିମାନଙ୍କୁ ସାହାବି ରକାନା ର:ଅଙ୍କ ହଦିସ୍ ଭଲଭାବେ ଜ୍ଞାନ ଥିବ । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ଦ୍ୱାରା ଦିଆଯାଇଥିବା ତିନି ତଲାକ୍ ବିଷୟରେ କହିଲେ ଯେ ଏହା ବାସ୍ତବରେ ଗୋଟିଏ ତଲାକ୍ ଅଟେ । ତୁମେ ରୋଜୁ (ସ୍ତ୍ରୀ ପାଖକୁ ଫେରିଯାଓ) କର । କିନ୍ତୁ ଏହା ଥିବା ସତ୍ୱେ ମଧ୍ୟ ହନ୍‌ଫିମାନେ ଏହି ହଦିସ୍ ଉପରେ ଅମଳ କରୁନାହାଁନ୍ତି ଆଶ୍ଚର୍ଯ୍ୟ !

ହନ୍‌ଫିମାନେ ହଜ୍‌ରତ୍ ଉମର୍ ର:ଅଙ୍କ ସେହି ଫଇସଲାକୁ ନିଜ ମତର ସାହାଯ୍ୟରେ ଉପସ୍ଥାପନ କରୁଛନ୍ତି ଯେଉଁଥିରେ ଆପଣ ର:ଅ କହିଥିଲେ ଯେ ଆଗକୁ ଯଦି କେହି ଗୋଟିଏ ବୈଠକରେ ତନିଗୋଟି ତଲାକ୍ ଦେବ ତେବେ ଆମେ ତାକୁ ତିନୋଟି ମାନିନେବୁ । ଯେତେବେଳେ ଗୋଟିଏ ବୈଠକରେ ତିନୋଟି ତଲାକ୍ ଦେବାର ପ୍ରଥା ବଢ଼ି ଚାଲିଲା ଯାହାକୁ କୋରାନ୍ ଓ ହଦିସ୍‌ର ବିରୋଧ ଅଟେ ତେବେ ସୟଦ୍‌ନା ହଜ୍‌ରତ୍ ଉମର୍ ର:ଅ ନିଜ ସାହାବାଙ୍କ ଠାରୁ ମସୁରା କରିବା ପରେ ଏପରି ନିଷ୍ପତି ନେଲେ ଯେ ଆସନ୍ତାକୁ ଗୋଟିଏ ବୈଠକରେ ଦିଆଯାଇଥିବା ତିନିଗୋଟି ତଲାକ୍‌କୁ ତିନୋଟି ବୋଲି ବିବେଚନା କରାଯିବ । ପୁଣି ଏପରି ବ୍ୟକ୍ତିକୁ ରୋଜୁ (ଫେରିଯିବା)ର ମୌକା ଦିଆଯିବ ନାହିଁ ଏବଂ ଏପରି ତଲାକ୍ ତଲାକ୍ ବତ୍‌ତା ରୂପେ ଗଣନା ହେବ । ହଜ୍‌ରତ୍ ଉମର୍ ର:ଅ ଦଣ୍ଡ ଆକାରରେ ଏପରି ନିଷ୍ପତି ନେଲେ ଯଦ୍ୱାରା ଲୋକମାନେ ଶରୀୟତ୍‌କୁ ଥଟ୍ଟା ପରିହାସ ନ କରନ୍ତୁ । ହଜ୍‌ରତ୍ ଅବୁ ବକର୍ ର:ଅ ଙ୍କ ପୁରା ଖିଲାଫତ୍ ସମୟରେ ଓ ହଜ୍‌ରତ୍ ଉମର୍ ର:ଅ ଙ୍କ ଖିଲାଫତ୍‌ର ଆରମ୍ଭ ଦୁଇ ବର୍ଷ ପର୍ଯ୍ୟନ୍ତ ଯଦି କେହି ଗୋଟିଏ ବୈଠକରେ ତା ସ୍ତ୍ରୀ କୁ ତିନୋଟି ତଲାକ୍ ଦେଇଦେଉଥିଲା ତେବେ ତାକୁ ଗୋଟିଏ ବୋଲି ଗଣି ପୁରୁଷକୁ ରୋଜୁର ମୌକା ଦିଆଯାଉଥିଲା । କିନ୍ତୁ ଯେପରି ବର୍ଣ୍ଣନା କରାଗଲା ଗୋଟିଏ ମଜ୍‌ଲିସ୍‌ରେ ତିନୋଟି ତଲାକ୍ କୋରାନ୍ ଓ ହଦିସ୍ ନିର୍ଦ୍ଦେଶର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ ଓ ଶରୀୟତ୍ ସହିତ ଥଟ୍ଟା ପରିହାସ ଅଟେ । ସୟଦ୍‌ନା ହଜ୍‌ରତ୍ ଉମର୍ ର:ଅ ଏହାକୁ ରୋକିବା ପାଇଁ ଏପରି ପଦକ୍ଷେପ ନେଲେ ଯେ ଏକାଥରକେ ତିନିଗୋଟି ତଲାକ୍ ଦେବାକୁ ତିନିଥର ଗଣାଯିବ ଏବଂ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ବିଛେଦ କରାଯିବ । ଏପରି ବ୍ୟକ୍ତି ପରେ ଯେତେ ପଶ୍ଚାତାପ କଲେ ମଧ୍ୟ ତାକୁ ରୋଜୁର ମୌକା ଦିଆଯିବ ନାହିଁ ଯଦ୍ୱାରା ଲୋକମାନେ ଶିକ୍ଷା ଗ୍ରହଣ କରିବେ ଏବଂ ଶରୀୟତ୍ ସହିତ ଥଟ୍ଟା ପରିହାସକୁ ବନ୍ଦ୍ କରିଦେବେ । ସହି ମୁସ୍‌ଲିମ୍ କିତାବୁଲ୍ ତଲାକ୍‌ରେ ଏପରି ରିଓ୍ୱାୟତ୍ ଅଛି ଯେ: ଅନ୍ ଇବ୍‌ନେ ଅବାସୀନ୍ ର:ଅ କାଲା.....ଫ ଅମ୍‌ଜାହୁ ଆଲୈହିମ୍ । ଅର୍ଥାତ୍ ହଜ୍‌ରତ୍ ଅବ୍‌ଦୁଲାବିନ୍ ଅବ୍‌ବାସ୍ ର:ଅ ରିଓ୍ୱାୟତ୍ କରୁଛନ୍ତି ଯେ ରସୁଲୁଲ୍ଲା ସ:ଆ:ସଙ୍କ ଯୁଗ, ହଜ୍‌ରତ୍ ଅବୁବକର୍ ର:ଅ ଙ୍କ ଖିଲାଫତ୍‌ର ସମୟ ଏବଂ ହଜରତ୍ ଉମର୍ ର:ଅ ଙ୍କ ଖିଲାଫତ୍‌ର ପ୍ରାରମ୍ଭିକ୍ ଦୁଇବର୍ଷ ପର୍ଯ୍ୟନ୍ତ ଏକାଥରକେ ତିନୋଟି ତଲାକ୍ ଦେବାକୁ ଗୋଟିଏ ବୋଲି ଗଣାଯାଉଥିଲା । ହଜ୍‌ରତ୍ ଉମର୍ ର:ଅ କହିଲେ ଯେ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ.......*

# ଖୁତ୍‌ବା ଜୁମା

◆ ଯଦି କେବଳ ରମଜାନ ଯୋଗୁଁ ଆମେ ନିୟମିତ ନମାଜ ପାଠ କରୁଥିଲେ ଏବଂ ପରବର୍ତ୍ତୀ ସମୟରେ ପୁନଃ ଆମେ ଅଳସୁଆ ହୋଇଯିବା, ଯଦି ଆମେ କେବଳ ରମଜାନରେ ଜୁମା ପାଠ କରୁଥିବା ତେବେ ଏହାକୁ ତ ଅଲ୍ଲାଃଙ୍କ ଆଦେଶ ପାଳନ କରିବା କୁହାଯାଇପାରିବ ନାହିଁ । ଯଦି ଆମେ କେବଳ ରମଜାନ ମାସରେ ପବିତ୍ର କୋରାନ ପାଠ କରିବାକୁ ଜରୁରୀ ମଣୁଅଛେ ଏବଂ ପରବର୍ତ୍ତୀ ସମୟରେ ଏଥିପ୍ରତି ଧ୍ୟାନ ଦେଉ ନାହେଁ ତେବେ ଏହା ତ ଅଲ୍ଲାଃଙ୍କ ପ୍ରତୀଭାଜନ ଲାଭ କରିବାର ମାର୍ଗ ନୁହେଁ । ଯଦି ଆମେ କେବଳ ରମଜାନ ମାସରେ ଦରୁଦ୍ ଶରିଫ ପାଠ କରିବାକୁ ସୀମିତ ରଖିବା ତେବେ ଏହା ତ ଅଲ୍ଲାଃ ଆମଠାରୁ ଆଶାକରିନାହାନ୍ତି । ଯଦି ଆମେ ଉତମ ଆଚରଣ ଓ ଅନ୍ୟାନ୍ୟ ସତ୍‌କର୍ମ କେବଳ ରମଜାନ ମାସରେ କରିବା ତେବେ ଏହା ତ ସେ ଆମଠାରୁ ଚାହୁଁ ନାହାନ୍ତି । ରମଜାନ ତ ଏକ ପ୍ରଶୀକ୍ଷଣର ମାସ ଅଲ୍ଲାଃଙ୍କର ଆମମାନଙ୍କୁ ଏହି ମାସ ପ୍ରଦାନ କରିବାରେ ଉଦ୍ଦେଶ୍ୟ ଯେଉଁ ଉତମ କର୍ମ ଆମେ ଏହି ମାସରେ ସମ୍ପାଦନ କଲେ ତାହାକୁ ଆହୁରି ଅଧିକ ପରିମାର୍ଜିତ କରିବା ସହିତ ସେଥିରେ ଉନ୍ନତି କରିବା ଏବଂ ପ୍ରତ୍ୟେକ ବିଦାୟୀ ରମଜାନ ଆମକୁ ଉପାସନା ଓ ସତ୍‌କର୍ମ କରିବାର ନୂଆ ନୂଆ ଲକ୍ଷ ଓ ଉଚ୍ଚ ସ୍ତରରେ ଅଧିଷ୍ଠିତ କରାଇବା ଉଚିତ୍ ।

◆ ହଜୁର ସ.ଆ କହିଲେ- ପାଂଚ ବେଳାର ନମାଜ, ଗୋଟିଏ ଜୁମାରୁ ତାହାର ଆସନ୍ତା ଜୁମା ମଧ୍ୟରେ ଏବଂ ଗୋଟିଏ ରମଜାନରୁ ଆସନ୍ତା ରମଜାନ ମଧ୍ୟରେ ହୋଇଥିବା ଅପକର୍ମର କଫାରା (ମାର୍ଜନ) ହୋଇଥାଏ, ଯେପର୍ଯ୍ୟନ୍ତ କି ମଣିଷ ବଡ଼ ବଡ଼ ଅପକର୍ମରୁ ନିବୃତ ରହୁଥିବ । ଅତଃ ଯେଉଁସ୍ଥଳେ ସ୍ପଷ୍ଟ ଭାବରେ ବର୍ଣନା କରିଦେଲେ ପାଂଚ ବେଳା ନମାଜ ଅପକର୍ମରୁ ନିବୃତ ରହିବାର ସାଧନ ଅଟେ । ଯେତେବେଳେ କି ସେ ଧାର୍ଯ୍ୟ ସମୟରେ ନମାଜ ପାଠ କରିଥାଏ ଏବଂ ଅପକର୍ମରୁ ନିବୃତ ରହିବା ପାଇଁ ଚେଷ୍ଟା କରିଥାଏ । ଯଦି କୌଣସି ଛୋଟ ଦୋଷତ୍ରୁଟି ହୋଇଯାଏ ତେବେ ଅଲ୍ଲାଃ ତାହାକୁ କ୍ଷମା ଦେଇଥାନ୍ତି କିନ୍ତୁ ଏଥିପାଇଁ ସର୍ତ ଏହିକି ଯେ ଧାର୍ଯ୍ୟ ସମୟରେ ଏବଂ ସଠିକ୍ ରୂପେ ସମ୍ପାଦନ କରାଯାଏ । ଏହିପରି ପ୍ରତ୍ୟେକ ଜୁମାର ମହତ୍ୱ ସ୍ପଷ୍ଟ କରିଦେଲେ କି ଯେଭଳି ପାଂଚ ବେଳା ନମାଜ ପାଠ କରିବା ଧାର୍ଯ୍ୟ ରହିଛି, ସେହିପରି ଜୁମା ନମାଜ ପାଠ କରିବା ମଧ୍ୟ ଅନିର୍ବାର୍ଯ୍ୟ ଏବଂ ଗୋଟିଏ ଜୁମାରୁ ତାହାର ଆସନ୍ତା ଜୁମା ମଧ୍ୟରେ ମଣିଷ ଦ୍ୱାରା ଯେଉଁ ଛୋଟମୋଟ ଅପକର୍ମ, ଦୋଷତ୍ରୁଟି ହୋଇଥାଏ, ଅଲ୍ଲାଃ ତାହାକୁ କ୍ଷମା କରିଦେଇଥାନ୍ତି । ଏହାର କେହି ଏପରି ଅର୍ଥ କରି ନନିଅନ୍ତୁ କି ନମାଜ କିମ୍ବା ଜୁମା ପାଠ କରିବା ଅନ୍ତେ ଛୋଟ ପାପ କରିନିଅ ଅଲ୍ଲାଃତାଲା ତାହାକୁ କ୍ଷମା କରିଦେବେ । ନା ବରଂ ଏହାର ଅର୍ଥ ମଣିଷର ଦୁର୍ବଳତା ଯୋଗୁଁ ଯଦି କୌଣସି ପାପ ହୋଇଯାଏ ତେବେ ନମାଜ ଓ ଜୁମାରେ ନିୟମିତ ଭାବରେ ଉପସ୍ଥିତ ହେବା, ଦୋଷତ୍ରୁଟିରୁ କ୍ଷମା ପ୍ରାର୍ଥନା ତଥା ଆସନ୍ତାରେ ସେହି ଅପକର୍ମରୁ ନିବୃତ ରହିବା ନିମନ୍ତେ ସଙ୍କଳ୍ପବଦ୍ଧ ହେବା ଯୋଗୁଁ, ଅଲ୍ଲାଃତାଲା ତାହାକୁ କ୍ଷମା ଦେଇଥାନ୍ତି ।

◆ ଅଲ୍ଲାଃ ଯେଉଁସ୍ଥଳେ ବିଭିନ୍ନ ସମୟରେ ନମାଜ ପାଠ କରିବା ଓ ତାହାର ଆୟୋଜନ କରିବାର ନିର୍ଦ୍ଦେଶ ଦେଇଛନ୍ତି ସେହିସ୍ଥଳେ ଏହା ମଧ୍ୟ କହିଛନ୍ତି- **ଓକୁରଆନାଲ୍ ଫଜ୍‌ରେ ଇନ୍ନା କୁରଆନଲ୍ ଫଜ୍‌ରେ କାନା ମଶ୍‌ହୁଦା** ଅର୍ଥାତ ଫଜର ସମୟରେ କୋରାନ ପାଠ କରିବାକୁ ଗୁରୁତ୍ୱ ଦିଅ, ନିଃସନ୍ଦେହ ଫଜର ସମୟରେ କୁରଆନ ପାଠ କରିବା ଏପରି ଅଟେ ଯାହାର ସାକ୍ଷ୍ୟ ଦିଆଯାଇଥାଏ । ସୁତରାଂ କେବଳ ବିଶେଷ ଦିନମାନଙ୍କରେ କେରାନ ପାଠ କରିବାକୁ ସିମୀତ ରଖାଯାଇ ନାହିଁ ବରଂ ନମାଜ ସହିତ ତାହାକୁ ବୟାନ କରି ତାହାର ମହତ୍ୱ ଦର୍ଶାଇ ଦିଆଯାଇଛି । ପୁଣି କୋରାନ ପାଠ କରିବା ସହିତ ତାହାକୁ ବୁଝିବାର ଆବଶ୍ୟକତା ରହିଛି । ତାହାର ଅନୁବାଦ ପାଠ କରିବାର ଅଛି ଯଦ୍ୱାରା ଆମେ ଅଲ୍ଲାଃଙ୍କ ଆଦେଶ ସମ୍ପର୍କରେ ଅବଗତ ହୋଇପାରିବା । ଏହି ଯୁଗରେ ତ ନିୟମିତ ଭାବରେ ତାହା ପାଠ କରିବାର ଅତ୍ୟନ୍ତ ଜରୁରୀ, ଯେତେବେଳେ କି ମୁସଲମାନମାନେ ଏହାର ଶିକ୍ଷାକୁ ଭୁଲି ବସିଛନ୍ତି । ହଜରତ ମସିହ ମଉଦ ଆ:ସ ଏଥିପ୍ରତି ଧ୍ୟାନ ଆକର୍ଷିତ କରି କୁହନ୍ତି- ଯେ ପବିତ୍ର କୋରାନକୁ ସମ୍ମାନ ଦେଇଥାନ୍ତି ଅଲ୍ଲାଃ ସେମାନଙ୍କୁ ଆକାଶରେ ସମ୍ମାନ ପ୍ରଦାନ କରିଥାନ୍ତି । କିଏ ବା ଆକାଶରେ ସମ୍ମାନ ପାଇବାକୁ ଇଚ୍ଛା କରେ ନାହିଁ ।

◆ ସୁତରାଂ ଆମ ସମସ୍ତଙ୍କୁ ରମଜାନର ଏହି ପବିତ୍ର ଅବସରରେ ସଙ୍କଳ୍ପ କରିବା ଉଚିତ୍ ଯେ, ଅଲ୍ଲାଃ ଓ ରସୁଲ ଆମମାନଙ୍କୁ ଯାହା କହିଛନ୍ତି ଏବଂ ଯାହା ହଜରତ ମସିହ ମଉଦ ଆ:ସ ବର୍ଣନା କରିଛନ୍ତି, ତାହାକୁ ଆମେ ସର୍ବଦା ନିଜ ସମ୍ମୁଖରେ ରଖିବା ତଥା ସେଥି ମୁତାବକ ଜୀବନ ଅତିବାହିତ କରିବା । ଯଦି ଆମେ ଏହା କରିନେବା ତେବେ କହିପାରିବା ଯେ, ଆମେ ରମଜାନ ଅଲ୍ଲାଃ ଓ ରସୁଲଙ୍କ ଆଦେଶ ଅନୁସାରେ ଅତିବାହିତ କରିବାର ପ୍ରୟାସ କଲୁ । ଅଲ୍ଲାଃତାଲା ଆମକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

◆ ଖୁତବା ଜୁମାର ଶେଷରେ ହଜୁର ଅନଓର ଅ:ବ:ଅ ଶ୍ରୀମତି ମୁଶତାକ୍ ଜୋହରା ସାହେବା ସ୍ୱାମୀ ଶ୍ରୀମାନ ଚୌଧରୀ ଜୁହୁର ଅହେମଦ ସାହେବ ବାଜଓା ରବଓା ନିବାସୀ ଓ ଶ୍ରୀମାନ ଅବ୍‌ଦୁ ବକର ସାହେବ ମିଶର ନିବାସୀଙ୍କର ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ଏବଂ ସେମାନଙ୍କ ଉତମ ଚିରିତ୍ର ଚର୍ଚ୍ଚା କଲେ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ: ୨୩ ଜୁନ୍ ୨୦୧୭ ଅନୁଯାୟୀ ୨୩ ଏହ୍‌ସାନ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِينَ - الرَّحْمٰنِ الرَّحِيمِ - مٰلِكِ يَوْمِ الدِّينِ - إِيَّاكَ نَعْبُدُ وَإِيَّاكَ نَسْتَعِينُ -
اِهْدِنَا الصِّرَاطَ الْمُسْتَقِيمَ - صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ -

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନୱର ଅ:ବ କହିଲେ- ରମଜାନର ପବିତ୍ର ମାସ ଆସିଲା ଏବଂ ଖୁବ୍ ଶିଘ୍ର ଅତିବାହିତ ମଧ୍ୟ ହୋଇଗଲା । ଲମ୍ୱା ଦିନ ପ୍ରଚଣ୍ଡ ତାତି ସତ୍ୱେ ଯେଉଁ ଲୋକମାନେ ମୋ ସହ ସାକ୍ଷାତ କରିଥିଲେ ଏହି କଥା କହୁଥିଲେ କି ଏଥର ଉପବାସ ରହିବା ଜଣାପଡ଼ିଲା ନାହିଁ । କିନ୍ତୁ କେବଳ ଏତିକି ଯଥେଷ୍ଟ ନୁହେଁ କି ଆମେ କହିଦେବା କି ଏଥର ଆମେ ରୋଜା ଅତି ସହଜରେ ସମ୍ପାଦନ କଲେ ବରଂ ଆମକୁ ନିଜର ନିରୀକ୍ଷଣ କରିବାର ଅଛି ଯେ, ଅଲ୍ଲାଃଙ୍କ ଏହି ପବିତ୍ର ଦିନମାନଙ୍କରେ ଆମେ କ'ଣ ହାସଲ କଲେ । ଅଲ୍ଲାଃ ଏହି ମାସରେ ସପ୍ତମ ଆକାଶରୁ ସର୍ବନିମ୍ନ ଆକାଶକୁ ଓହ୍ଲାଇ ଆସିଥାନ୍ତି ଓ ନିଜ ଭକ୍ତମାନଙ୍କ ଦୁଆ ସ୍ୱୀକାର କରିଥାନ୍ତି ଏବଂ ରୋଜାଦାରମାନଙ୍କୁ ସ୍ୱୟଂ ନିଜେ ଉତମ ପ୍ରତିଫଳ ପ୍ରଦାନ କରିଥାନ୍ତି । ଅଲ୍ଲାଃତାଲା ଏହି ମାସରେ ସଇତାନକୁ କଏଦ କରିଦେଇଥାନ୍ତି, ଏଭଳି ଅବସ୍ଥାରେ ଆମେ ଅଲ୍ଲାଃଙ୍କ ଦୟା ଓ କୃପାରୁ କିଭଳି ଉପକୃତ ହେଲେ । ଅଲ୍ଲାଃଙ୍କ ଆଦେଶ ପାଳନ ଓ ତାଙ୍କ ଶିକ୍ଷା ମୁତାବକ ଜୀବନ ଅତିବାହିତ କରି କିଭଳି ପରିବର୍ତନ ନିଜ ଭିତରେ ଆଣିବାରେ ସଫଳ ହୋଇଛେ ତଥା ବିଗତ ଦୋଷତ୍ରୁଟି ବର୍ଜନ କରିବା ନିମନ୍ତେ କିଭଳି ପଦକ୍ଷେପ ଓ ସଙ୍କଳ୍ପ କରିଛେ । ଯଦି କେବଳ ରମଜାନ ଯୋଗୁଁ ଆମେ ନିୟମିତ ନମାଜ ପାଠ କରୁଥିଲେ ଏବଂ ପରବର୍ତ୍ତୀ ସମୟରେ ପୁନଃ ଆମେ ଅଳସୁଆ ହୋଇଯିବା, ଯଦି ଆମେ କେବଳ ରମଜାନରେ ଜୁମା ପାଠ କରୁଥିବା ତେବେ ଏହାକୁ ତ ଅଲ୍ଲାଃଙ୍କ ଆଦେଶ ପାଳନ କରିବା କୁହାଯାଇପାରିବ ନାହିଁ । ଯଦି ଆମେ କେବଳ ରମଜାନ ମାସରେ ପବିତ୍ର କୋରାନ ପାଠ କରିବାକୁ ଜରୁରୀ ମଣୁଅଛେ ଏବଂ ପରବର୍ତ୍ତୀ ସମୟରେ ଏଥିପ୍ରତି ଧ୍ୟାନ ଦେଉ ନାହେଁ ତେବେ ଏହା ତ ଅଲ୍ଲାଃଙ୍କ ପ୍ରତୀଭାଜନ ଲାଭ କରିବାର ମାର୍ଗ ନୁହେଁ । ଯଦି ଆମେ କେବଳ ରମଜାନ ମାସରେ ଦରୁଦ୍ ଶରିଫ ପାଠ କରିବାକୁ ସୀମିତ ରଖିବା ତେବେ ଏହା ତ ଅଲ୍ଲାଃ ଆମଠାରୁ ଆଶା କରିନାହାନ୍ତି । ଯଦି ଆମେ ଉତମ ଆଚରଣ ଓ ଅନ୍ୟାନ୍ୟ ସତ୍‌କର୍ମ କେବଳ ରମଜାନ ମାସରେ କରିବା ତେବେ ଏହା ତ ସେ ଆମଠାରୁ ଚାହୁଁ ନାହାନ୍ତି । ରମଜାନ ତ ଏକ ପ୍ରଶୀକ୍ଷଣର ମାସ

ଅଲ୍ଲାହ୍ଙ୍କର ଆମମାନଙ୍କୁ ଏହି ମାସ ପ୍ରଦାନ କରିବାରେ ଉଦ୍ଦେଶ୍ୟ ଯେଉଁ ଉତମ କର୍ମ ଆମେ ଏହି ମାସରେ ସମ୍ପାଦନ କଲେ ତାହାକୁ ଆହୁରି ଅଧିକ ପରିମାର୍ଜିତ କରିବା ସହିତ ସେଥିରେ ଉନ୍ନତି କରିବା ଏବଂ ପ୍ରତ୍ୟେକ ବିଦାୟୀ ରମଜାନ ଆମ୍ଭକୁ ଉପାସନା ଓ ସତ୍‌କର୍ମ କରିବାର ନୂଆ ନୂଆ ଲକ୍ଷ ଓ ଉଚ୍ଚ ସ୍ତରରେ ଅଧିଷ୍ଠିତ କରାଇବା ଉଚିତ୍ । ଅଲ୍ଲାହ୍ ଆମ୍ଭଠାରୁ ଏହି ଆଶା ବାନ୍ଧିଛନ୍ତି କି ଆମେ ନିରବଚ୍ଛିନ୍ନ ଭାବରେ ସତ୍‌କର୍ମ କରିଚାଲିବା । ଯେଭଳି ସେ **ଅକିମୁସ୍ ସଲାତା**ରେ ଆଦେଶ ଦେଇଛନ୍ତି ଅର୍ଥାତ ନିୟମିତ ଓ ସୁନ୍ଦର ଭାବରେ ତଥା ଧାର୍ଯ୍ୟ ସମୟରେ ନମାଜ ପାଠ କର । ପୁନଃ କହିଲେ **ହାଫିଜୁ ଆଲସ୍ ସଲାତି ଓସ୍ ସଲାତିଲ୍ ଉସ୍‌ତା** ଅର୍ଥାତ ସମସ୍ତ ନମାଜ ବିଶେଷ କରି (କାମଧନ୍ଦାର) ମଧ୍ୟରେ ଆସୁଥିବା ନମାଜକୁ ପାଠ କର ପ୍ରତ୍ୟେକ ମୁସଲମାନ ଏକଥା ଜାଣନ୍ତି ଯେ, ପ୍ରତି ଦିନ ପାଂଚ ବେଳା ନମାଜ ପାଠ କରିବା ଧାର୍ଯ୍ୟ ରହିଛି ଏବଂ ତାହା ପାଠ କରିବା ଅନିର୍ବାର୍ଯ୍ୟ । ପୁଣି ବିଶେଷ ଭାବରେ କାମଧନ୍ଦା ବେଳେ ଆସୁଥିବା ନମାଜ ପାଠ କରିବାର ଆଦେଶ ଦେଇଛନ୍ତି । **ସଲାତିଲ୍ ଉସ୍ତା** ଅର୍ଥ ମଧ୍ୟ ଭାଗର ନମାଜ କିମ୍ବା ଜରୁରୀ ନମାଜ ଅଟେ । କାମଧନ୍ଦା ମଝିରେ ନମାଜ ପାଠ କରିବା ଅଧିକ ଜରୁରୀ ହୋଇଯାଏ । ପ୍ରତ୍ୟେକ ନମାଜ ଅଲ୍ଲାହ୍ ଧାର୍ଯ୍ୟ ଓ ଜରୁରୀ କରିଛନ୍ତି କିନ୍ତୁ **ସଲାତୁଲ୍ ଉସ୍ତା**କୁ ବିଶେଷ ଗୁରୁତ୍ୱ କାହିଁକି ଦିଆଯାଇଛି । ଏଥିପାଇଁ କି କେତେକ ନମାଜ ସମୟରେ ଜଣେ ନିଜ ବ୍ୟକ୍ତିଗତ କିମ୍ବା କାମନା ପୂରଣକୁ ପ୍ରାଥମିକତା ଦେଇଥାଏ କାହା ପାଇଁ ନମାଜ ଫଜର୍ ପାଠ କରିବା କଷ୍ଟସାଧ ହୋଇଯାଏ, କିନ୍ତୁ ସେତେବେଳେ ତାହାର ସେହି ନମାଜ ପାଠ କରିବା ଅଲ୍ଲାହ୍ଙ୍କ ନିକଟବର୍ତୀ ହେବାରେ ଅଧିକ ସହାୟ ହୋଇଥାଏ । ପୁଣି କାହା ପାଇଁ ନିଜ କାର୍ଯ୍ୟ ଓ କାରବାର ଯୋଗୁଁ ନମାଜ ଜୋହର ଓ ଅସର ପାଠ କରିବା କଷ୍ଟକର ହୋଇଯାଏ, ସେତେବେଳେ ତାହା ପାଇଁ ସେହି ନମାଜର ଗୁରୁତ୍ୱ ବେଶ୍ ଅଧିକ ଅଟେ । ତେବେ ଯେଉଁସ୍ଥଳେ ମଣିଷ ଚେଷ୍ଟା ଓ ପରିଶ୍ରମ କରି ଅଲ୍ଲାହ୍ଙ୍କ ନିକଟବର୍ତୀ ହେବାକୁ ଚେଷ୍ଟା କରିଥାଏ, ଅଲ୍ଲାହ୍ ମଧ୍ୟ ତାହାକୁ ସେହିଭଳି (ବିଭୂତି) ପ୍ରଦାନ କରିଥାନ୍ତି ।

ଅଲ୍ଲାହ୍‌ତାଲା ପବିତ୍ର କୋରାନର ଅନେକ ସ୍ଥାନରେ ନମାଜର ଗୁରୁତ୍ୱ ସମ୍ବନ୍ଧରେ ଆମର ଧ୍ୟାନ ଆକର୍ଷିତ କରିଛନ୍ତି । ସେ ଏହାକୁ କେବଳ ରମଜାନ ମାସ ମଧ୍ୟରେ ସିମୀତ ରଖିନାହାନ୍ତି ବରଂ ହଜରତ ମହମ୍ମଦ ସ.ଆ ନମାଜ, ଜୁମା ଓ ରମଜାନ ସମ୍ବନ୍ଧରେ ଏଭଳି ତଥ୍ୟ ପ୍ରଦାନ କଲେ ଯାହାକି ପ୍ରତ୍ୟେକ ମୋମିନ୍ ଏବଂ ସେ ସମସ୍ତ ବ୍ୟକ୍ତି ଯେ ଅଲ୍ଲାହ୍ଙ୍କ ଭୟ ରଖିଥାନ୍ତି, ପ୍ରତି ମୁହୁର୍ତରେ ନିଜ ସମ୍ମୁଖରେ ରଖିବା ଉଚିତ୍ । ହଜୁର ସ.ଆ କହିଲେ– ପାଂଚ ବେଳାର ନମାଜ, ଗୋଟିଏ ଜୁମାରୁ ତାହାର ଆସନ୍ତା ଜୁମା ମଧ୍ୟରେ ଏବଂ ଗୋଟିଏ ରମଜାନରୁ ଆସନ୍ତା ରମଜାନ ମଧ୍ୟରେ ହୋଇଥିବା ଅପକର୍ମର କଫାରା (ମାର୍ଜନ) ହୋଇଥାଏ, ଯେପର୍ଯ୍ୟନ୍ତ କି ମଣିଷ ବଡ଼ ବଡ଼ ଅପକର୍ମରୁ ନିବୃତ ରହୁଥିବ । ଅତଃ ଯେଉଁସ୍ଥଳେ ସ୍ୱଷ୍ଟ ଭାବରେ ବର୍ଣନା କରିଦେଲେ ପାଂଚ ବେଳା ନମାଜ ଅପକର୍ମରୁ ନିବୃତ ରହିବାର ସାଧନ ଅଟେ । ଯେତେବେଳେ କି ସେ ଧାର୍ଯ୍ୟ ସମୟରେ ନମାଜ ପାଠ କରିଥାଏ ଏବଂ ଅପକର୍ମରୁ ନିବୃତ ରହିବା ପାଇଁ ଚେଷ୍ଟା କରିଥାଏ । ଯଦି କୌଣସି ଛୋଟ ଦୋଷତ୍ରୁଟି ହୋଇଯାଏ ତେବେ ଅଲ୍ଲାହ୍ ତାହାକୁ କ୍ଷମା ଦେଇଥାନ୍ତି କିନ୍ତୁ ଏଥିପାଇଁ ସର୍ତ ଏହିକି ଯେ ଧାର୍ଯ୍ୟ ସମୟରେ ଏବଂ ସଠିକ୍ ରୂପେ ସମ୍ପାଦନ କରାଯାଏ । ଏହିପରି ପ୍ରତ୍ୟେକ ଜୁମାର ମହତ୍ୱ ସ୍ୱଷ୍ଟ କରିଦେଲେ କି ଯେଭଳି ପାଂଚ ବେଳା ନମାଜ ପାଠ କରିବା ଧାର୍ଯ୍ୟ ରହିଛି, ସେହିପରି ଜୁମା ନମାଜ ପାଠ କରିବା ମଧ୍ୟ ଅନିର୍ବାର୍ଯ୍ୟ ଏବଂ ଗୋଟିଏ ଜୁମାରୁ ତାହାର ଆସନ୍ତା ଜୁମା ମଧ୍ୟରେ ମଣିଷ ଦ୍ୱାରା ଯେଉଁ ଛୋଟମୋଟ ଅପକର୍ମ, ଦୋଷତ୍ରୁଟି ହୋଇଥାଏ, ଅଲ୍ଲାହ୍ ତାହାକୁ କ୍ଷମା କରିଦେଇଥାନ୍ତି । ଏହାର କେହି ଏପରି ଅର୍ଥ କରି ନନିଅନ୍ତୁ କି ନମାଜ କିମ୍ବା ଜୁମା ପାଠ କରିବା ଅନ୍ତେ ଛୋଟ ପାପ କରିନିଅ ଅଲ୍ଲାହ୍‌ତାଲା ତାହାକୁ କ୍ଷମା କରିଦେବେ । ନା ବରଂ ଏହାର ଅର୍ଥ ମଣିଷର ଦୁର୍ବଳତା ଯୋଗୁଁ ଯଦି କୌଣସି ପାପ ହୋଇଯାଏ ତେବେ ନମାଜ ଓ ଜୁମାରେ ନିୟମିତ ଭାବରେ ଉପସ୍ଥିତ ହେବା, ଦୋଷତ୍ରୁଟିରୁ କ୍ଷମା ପ୍ରାର୍ଥନା ତଥା ଆସନ୍ତାରେ ସେହି ଅପକର୍ମରୁ ନିବୃତ ରହିବା ନିମନ୍ତେ ସଙ୍କଳ୍ପବଦ୍ଧ ହେବା ଯୋଗୁଁ, ଅଲ୍ଲାହ୍‌ତାଲା ତାହାକୁ କ୍ଷମା ଦେଇଥାନ୍ତି ।

ପୁନଃ ହଜରତ ମହମ୍ମଦ ସ:ଆ:ସ ନିୟମାନୁବର୍ତୀତା ଅବଲମ୍ବନ କରିବା ସମ୍ବନ୍ଧରେ ଦର୍ଶାଇଛନ୍ତି କି ଯେ କ୍ରମାଗତ ଭାବରେ ତିନୋଟି ଜୁମା ପାଠ କରିନଥାଏ, ଅଲ୍ଲାହ୍‌ତାଲା ତାହାର ହୃଦୟରେ ମୋହର କରିଦେଇଥାନ୍ତି । ଆଉ ଏକ ସ୍ଥାନରେ ବର୍ଣିତ ରହିଛି କି ତାହାର ହୃଦୟ କଳା ବର୍ଣ ହୋଇଯାଏ । ସୁତରାଂ ପ୍ରତ୍ୟେକ ଜୁମାର ମହତ୍ୱ ବୁଝିବା ଉଚିତ୍ । ଆଜି ରମଜାନର ଅନ୍ତିମ ଜୁମା, କିଛି ଲୋକ ଏହି ବିଶେଷତ୍ୱ ଯୋଗୁଁ ଆସିଥିବେ କି ଆଜି ଶେଷ ଜୁମା ତେଣୁ ବଡ଼ ମସଜିଦ୍‌ରେ ଯାଇ ନମାଜ ପାଠ କରିବା କିମ୍ବା କେତେକ ଲୋକ ଏଭଳି ମତ ପୋଷଣ କରିଆସିଥାନ୍ତି କି ଏହା ଅନ୍ତିମ ଜୁମା ତେଣୁ ସୁନିଶ୍ଚିତ ପଢ଼ିବା । ଦେଖ ଅଲ୍ଲାହ୍ ଏହା କହିନାହାନ୍ତି କି ରମଜାନର କିମ୍ବା ରମଜାନର ଅନ୍ତିମ ଜୁମା ପାଠ କରିନେଲେ ପୁଣ୍ୟ ହେବ ବରଂ ପ୍ରତ୍ୟେକ ଜୁମାର ମହତ୍ୱ ଦର୍ଶାଇଛନ୍ତି । ଯେପରି ସେ କୁହନ୍ତି– **ୟା ଐୟୁହଲ୍ ଲଜିନା ଆମନୁ ଇଜା ନୁଦିଆଲିସ୍ ସଲାତି ମିନ୍ ୟୋମିଲ୍ ଜୁମାଅତି ଫସ୍‌ଅଔ ଇଲା ଜିକ୍ ରିଲ୍ଲାହି ଓଜରୁଲ୍ ବୈଆ ଜାଲିକୁମ୍ ଖୈରୁଲ୍ ଲକୁମ୍ ଇନ୍ କୁନ୍‌ତୁମ୍ ତାଲମୁନ୍** ଅର୍ଥାତ ହେ ବିଶ୍ୱାସକାରୀମାନେ ! ଯେତେବେଳେ ତୁମମାନଙ୍କୁ ଶୁକ୍ରବାର ଦିନ ଜୁମା ପାଠ କରିବା ସକାଶେ ଡ଼କାଯାଏ ସେତେବେଳେ ଅଲ୍ଲାହ୍ଙ୍କୁ ସ୍ମରଣ କରିବା ପାଇଁ ଶିଘ୍ର ଶିଘ୍ର ଗମନ କର ଏବଂ କିଣାବିକା ପରିତ୍ୟାଗ କର । ଯଦି ତୁମମାନଙ୍କର କିଛି ମଧ୍ୟ ଜ୍ଞାନ ଥାଏ ତେବେ ଏହା ତୁମମାନଙ୍କ ପକ୍ଷରେ ଉତମ । ଅତଃ ମୋମିନ୍ ଓ ବିଶ୍ୱାସକାରୀଙ୍କ ନିମନ୍ତେ ଏହି ର୍ନିଦେଶ ରହିଛି କି ପ୍ରତ୍ୟେକ ଜୁମାର ବିଶେଷ ଆୟୋଜନ କର ଏବଂ ନିଜ ବ୍ୟବସାୟ, କାମଧନ୍ଦା ପରିତ୍ୟାଗ କର । ଅଲ୍ଲାହ୍ କୁହନ୍ତି ଯଦି ତୁମେ ଜ୍ଞାନ ରଖୁଥାଅ ତେବେ ତୁମକୁ ଜାଣି ରଖିବା ଉଚିତ୍ ଯେ, ଏହା ତୁମ ପାଇଁ ଉତମ ଅଟେ ଏବଂ ଏହିଥିରେ ବରକତ୍ ଅନ୍ତର୍ନିହିତ । ଯଦି ବାସ୍ତବରେ ତୁମେ ବିଶ୍ୱାସ ରଖୁଥାଅ ତେବେ ସାଂସାରିକତାରେ ଉନ୍ନତି ନିମନ୍ତେ ନିଜ ଜୁମାକୁ ବଳି ଦିଅ ନାହିଁ ।

ଜୁମା ସମ୍ବନ୍ଧରେ ଏହା ମଧ୍ୟ କହିରଖେ ଯେ, ଜୁମା ପାଠ କରିବା ପୁରୁଷମାନଙ୍କ ପାଇଁ ଅନିର୍ବାର୍ଯ୍ୟ, ଯଦି ମହିଳାମାନେ ଆସିପାରନ୍ତି ତେବେ ତାହା ବେଶ୍ ଭଲ କଥା ଏବଂ ସେମାନଙ୍କୁ ଅଧିକ ପ୍ରତିଫଳ ମିଳିଥାଏ । ସୁତରାଂ ସେମାନଙ୍କୁ ବିନା ଦ୍ୱନ୍ଦରେ ଆସିବା ଉଚିତ୍ । କାରଣ କେତେକ ସମୟରେ ମା'ମାନେ ଆସିବା ହେତୁ ସେମାନଙ୍କ ପିଲାମାନେ ଜୁମା ପଢିବାରେ ଅଭ୍ୟସ୍ତ ହୋଇଯାଇଥାନ୍ତି । କିନ୍ତୁ ଯେ କୌଣସି ଅବସ୍ଥାରେ ଜୁମା ପାଠ କରିବା ନିମନ୍ତେ ମସଜିଦ୍ ଆସିବା କେବଳ ପୁରୁଷମାନଙ୍କ ପାଇଁ ଅନିର୍ବାର୍ଯ୍ୟ । ଏଥି ସମ୍ବନ୍ଧରେ ହଜରତ ମହମ୍ମଦ ସ.ଆଙ୍କ ସ୍ୱଷ୍ଟ ନିର୍ଦ୍ଦେଶ ରହିଛି କି ପ୍ରତ୍ୟେକ ମୁସଲମାନ ପାଇଁ ଜମାଅତ ସହ ଜୁମା ପାଠ କରିବା ଧାର୍ଯ୍ୟ ଅର୍ଥାତ ଅନିର୍ବାର୍ଯ୍ୟ ଅଟେ । କେବଳ ଚାରୋଟି ଶ୍ରେଣୀର ଲୋକଙ୍କୁ ଛାଡ଼ି ଦେଲେ ସେମାନେ ହେଲେ କ୍ରୀତଦାସ, ଶିଶୁ, ମହିଳା ଓ ରୋଗୀ । ଯେଉଁମାନେ ବାହାରେ ଚାକିରୀ କରୁଥାନ୍ତି ସେମାନଙ୍କୁ ସେମାନଙ୍କ ମାଲିକଙ୍କୁ କହି ଜୁମା ପାଠ କରିବା ନିମନ୍ତେ ଛୁଟି ନେଇ ଆସିବା ପାଇଁ ଚେଷ୍ଟା କରିବା ଉଚିତ୍ । କିଛି ଲୋକମାନେ ଚେଷ୍ଟା କଲେ ଏବଂ ସେମାନଙ୍କୁ ଅନୁମତି ମଧ୍ୟ ମିଳିଗଲା । ଯଦି ଆସୁବିଧା (ଯୋଗୁଁ ମସଜିଦ୍ ଆସିନପାର) ତେବେ ୩/୪ ଜଣ ଅହେମଦି ମିଳିତ ଭାବରେ ଜୁମା ପାଠ କରିନେବା ଉଚିତ୍ । ହଁ ଇଦ୍ ନିମନ୍ତେ ଆସିବା ପ୍ରତ୍ୟେକ ମହିଳା ପୁରୁଷ ଓ ପିଲାମାନଙ୍କ ପାଇଁ ଅନିର୍ବାର୍ଯ୍ୟ ଅଟେ ।

ଅତଃ ଆଜି ବହୁତ ସଂଖ୍ୟାରେ ଲୋକେ ଜୁମା ନିମନ୍ତେ ଏକତ୍ରିତ ହୋଇଛନ୍ତି ସେଥିପାଇଁ ମୁଁ ଏଥିପ୍ରତି ଆପଣମାନଙ୍କ ଧ୍ୟାନ ଆକର୍ଷିତ କରୁଅଛି କି ପୁରୁଷମାନେ ନିଜ ଜୁମାର ବିଶେଷ ବ୍ୟବସ୍ଥା କରନ୍ତୁ । ପୁଣି ହଜରତ ମହମ୍ମଦ ସ:ଆ:ସ ଗୋଟିଏ ରମଜାନରୁ ଆସନ୍ତା ରମଜାନ ମଧ୍ୟରେ ହୋଇଥିବା ଅପକର୍ମର କଫାରା (ମାର୍ଜନ) ହେବା ସମ୍ବନ୍ଧରେ କହିଲେ– ଅଲ୍ଲାହ୍‌ତାଲା ଗୋଟିଏ ରମଜାନରୁ ଆସନ୍ତା ରମଜାନ ମଧ୍ୟରେ ହୋଇଥିବା ଅପକର୍ମକୁ କ୍ଷମା କରିଦେଇଥାନ୍ତି କିନ୍ତୁ ଜାଣିରଖ ଯେ, ହଜରତ ମହମ୍ମଦ ସ:ଆ:ସ ପାପ କ୍ଷମା ହେବାର ଯେଉଁ ମାର୍ଗ ଦର୍ଶାଇଛନ୍ତି ତାହା କ୍ରମାନ୍ୱୟରେ ଦର୍ଶାଇଛନ୍ତି । ପ୍ରଥମେ ନମାଜ ତାପରେ ଜୁମା ଏବଂ ତାପରେ ରମଜାନ । ଅତଃ ଏହି ଭ୍ରମ ଧାରଣା ଦୂର ହେବା ଉଚିତ୍ ଯେ (କେବଳ) ରମଜାନର ଉପାସନା ହିଁ ଅପକର୍ମରୁ କ୍ଷମା ପ୍ରଦାନ କରିଥାଏ, ହଜୁର ସ.ଆଙ୍କର ଉକ୍ତ କ୍ରମ ଅନୁଯାୟୀ ଉପାସନା କରିବା ଦର୍ଶାଉଛି ଯେ, ପ୍ରତିଦିନ ପାଂଚ ବେଳା ନମାଜ ପାଠ କରିବା ପରେ ଯେତେବେଳେ ଆମେ ଜୁମାରେ ଯୋଗଦେବା ତାହା ଜୁମାର ବରକତରୁ ଭାଗ ନେବାରେ ସହାୟ ହେବ । ସେହିପରି ବର୍ଷସାରାର ଜୁମା ପବିତ୍ର ରମଜାନର କୃପାରୁ ଉପକୃତ ହେବାରେ ସହାୟ ହେବ । ଅଲ୍ଲାହ୍ଙ୍କ ନିକଟରେ ପ୍ରତିଦିନର ନମାଜ ନିବେଦନ କରିବ କି ଏ ତୋର ଭକ୍ତ, ଯେ ତୁମ ଭୟ ଓ ପ୍ରେମ ଯୋଗୁଁ ବଡ଼ ପାପରୁ ନିବୃତ ରହି ପାଂଚ ବେଳା ନମାଜ ପାଠ ନିମନ୍ତେ ହାଜର ହେଉଥିଲା । ପୁଣି ପ୍ରତ୍ୟେକ ଜୁମା ନିବେଦନ କରିବ କି ଏ ତୋର ଭକ୍ତ, ଯେ ସାତ ଦିନ ନିଜକୁ ବଡ଼ ପାପରୁ ନିଜକୁ ନିବୃତ ରଖି ରମଜାନରେ ଏହି ଆଶା ନେଇ ପଦାର୍ପଣ କଲା କି ତୁମେ ତାହାକୁ ନିଜ ଦୟା ଓ କ୍ଷମା ଓ ରମଜାନର ଅନ୍ତମ ପର୍ଯ୍ୟାୟ (ନର୍କରୁ ରକ୍ଷା ପାଇବା)ରୁ ଉପକୃତ କରିବ ।

ଅଲ୍ଲାହ୍ ଯେ ଅଶେଷ ଦୟାବାନ ଓ ସଦା କରୁଣାମୟ ମାନବକୁ ସେଥିରୁ ଉପକୃତ ହୋଇ ନିଜ ଦୟାର ଚଦରରେ ଢାଙ୍କି ଇସତାନର ଆକ୍ରମଣରୁ ତାହାକୁ ରକ୍ଷା କରିଥାନ୍ତି । ସୁତରାଂ ଭାଗ୍ୟବାନ ସେ ଯେ ଏହି ଭାବନାର ସହିତ ନିଜ ନମାଜ, ଜୁମା ଓ ରୋଜାର କର୍ତବ୍ୟ ସମ୍ପାଦନ କରି ଅଲ୍ଲାହ୍ଙ୍କ ଶରଣରେ ଆସିଯାଇଥାନ୍ତି ଏବଂ ରମଜାନର ଏହି ପବିତ୍ର ପରିବେଶରୁ ପୂର୍ଣ ରୂପେ ସ୍ୱଚ୍ଛ ଓ ସୁଧ ହୋଇ ବାହାରିଥାଏ । ଏଭଳି ପବିତ୍ରତା

ଯାହା ସଦାସର୍ବଦା ପାଇଁ ଅଲ୍ଲାଃଙ୍କ ଉପାସନାର କର୍ତବ୍ୟ ସମ୍ପାଦନକାରୀ କରିଥାଏ ।

ପୁଣି ରମଜାନରେ ବିଶେଷ ରୂପେ କୁରଆନ ପାଠ କରିବା ଓ ଶୁଣିବା ପ୍ରତିଧ୍ୟାନ ଆକର୍ଷିତ ହୋଇଥାଏ । ଅନେକ ଲୋକ ପ୍ରୟାସ କରିଥାନ୍ତି କି ଆମେ ଏହି ମାସରେ ଅତିକମ୍‌ରେ ଥରେ ପବିତ୍ର କୋରାନ ପୂର୍ଣ ପାଠ କରିନେବୁ କାରଣ ଏହା ସୁନ୍ନତ ଅଟେ । ରମଜାନ ମାସରେ ପବିତ୍ର କୋରାନ ପାଠ ଓ ସେଥିପାଇଁ ବିଶେଷ ଆୟୋଜନ କରିବାର ପ୍ରଭାବ ଆମ ଉପରେ ଏପରି ରହିବା ଉଚିତ୍ ଯେ, ବର୍ତମାନ ଆମ୍ଭେ ପ୍ରତିଦିନ ନିୟମିତ ଭାବରେ ପବିତ୍ର କୋରାନର କିଛି ନା କିଛି ଅଂଶ ନିଶ୍ଚିତ ପାଠ କରିବୁ । ଅଲ୍ଲାଃ ଯେଉଁସ୍ଥଳେ ବିଭିନ୍ନ ସମୟରେ ନମାଜ ପାଠ କରିବା ଓ ତାହାର ଆୟୋଜନ କରିବାର ନିର୍ଦ୍ଦେଶ ଦେଇଛନ୍ତି ସେହିସ୍ଥଳେ ଏହା ମଧ୍ୟ କହିଛନ୍ତି- **ଓକୁରଆନାଲ୍ ଫଜ୍‌ରେ ଇନ୍ନା କୁରଆନଲ୍ ଫଜ୍‌ରେ କାନା ମଶ୍‌ହୁଦା** ଅର୍ଥାତ ଫଜର ସମୟରେ କୋରାନ ପାଠ କରିବାକୁ ଗୁରୁତ୍ୱ ଦିଅ, ନିଃସନ୍ଦେହ ଫଜର ସମୟରେ କୁରଆନ ପାଠ କରିବା ଏପରି ଅଟେ ଯାହାର ସାକ୍ଷ୍ୟ ଦିଆଯାଇଥାଏ । ସୁତରାଂ କେବଳ ବିଶେଷ ଦିନମାନଙ୍କରେ କେରାନ ପାଠ କରିବାକୁ ସିମୀତ ରଖାଯାଇ ନାହିଁ ବରଂ ନମାଜ ସହିତ ତାହାକୁ ବୟାନ କରି ତାହାର ମହତ୍ୱ ଦର୍ଶାଇ ଦିଆଯାଇଛି । ପୁଣି କୋରାନ ପାଠ କରିବା ସହିତ ତାହାକୁ ବୁଝିବାର ଆବଶ୍ୟକତା ରହିଛି । ତାହାର ଅନୁବାଦ ପାଠ କରିବାର ଅଛି ଯଦ୍ୱାରା ଆମେ ଅଲ୍ଲାଃଙ୍କ ଆଦେଶ ସମ୍ପର୍କରେ ଅବଗତ ହୋଇପାରିବା । ଏହି ଯୁଗରେ ତ ନିୟମିତ ଭାବରେ ତାହା ପାଠ କରିବାର ଅତ୍ୟନ୍ତ ଜରୁରୀ, ଯେତେବେଳେ କି ମୁସଲମାନମାନେ ଏହାର ଶିକ୍ଷାକୁ ଭୁଲି ବସିଛନ୍ତି । ହଜରତ ମସିହ ମଉଦ ଆ:ସ ଏଥିପ୍ରତି ଧ୍ୟାନ ଆକର୍ଷିତ କରି କୁହନ୍ତି- ଯେ ପବିତ୍ର କୋରାନକୁ ସମ୍ମାନ ଦେଇଥାନ୍ତି ଅଲ୍ଲାଃ ସେମାନଙ୍କୁ ଆକାଶରେ ସମ୍ମାନ ପ୍ରଦାନ କରିଥାନ୍ତି । କିଏ ବା ଆକାଶରେ ସମ୍ମାନ ପାଇବାକୁ ଇଚ୍ଛା କରେ ନାହିଁ ।

ହଜରତ ମସିହ ମଉଦ ଆ.ସ ବାରମ୍ବାର ଆମକୁ ଉପଦେଶ ପୂର୍ବକ କହିଛନ୍ତି- ତୁମେମାନେ ଯେ ମୋ ବୟତରେ ଅନ୍ତର୍ଭୁକ୍ତ ଅଛ ସର୍ବଦା ଉପାସନା ଓ ଉତମ ଆଚରଣ ଦ୍ୱାରା ନିଜ ଭିତରେ ପବିତ୍ର ପରିବର୍ତନ ଆଣିଚାଲ । ଆପଣ ଗୋଟିଏ ସ୍ଥାନରେ କୁହନ୍ତି ଯେପର୍ଯ୍ୟନ୍ତ ମଣିଷ ପବିତ୍ର ହୃଦୟ, ସତ୍ୟ ନିଷ୍ଠା, ସମସ୍ତ ପ୍ରକାରର ଖରାପ ମାର୍ଗ ଓ କାମନାର ଦ୍ୱାର ବନ୍ଦ କରି ଅଲ୍ଲାଃ ନିକଟରେ ଭିକ୍ଷା କରି ନାହିଁ, ସେପର୍ଯ୍ୟନ୍ତ ସେ ଅଲ୍ଲାଃଙ୍କ ସାହାଯ୍ୟ ଓ ଅନୁକମ୍ପାର ପାତ୍ର ହେବାର ଯୋଗ୍ୟ ସାବ୍ୟସ୍ତ ହୋଇନଥାଏ କିନ୍ତୁ ଯେତେବେଳେ ସେ ଅଲ୍ଲାଃଙ୍କ ଦ୍ୱାରରେ ନତମସ୍ତକ ହୁଏ ଓ ଦୁଆ କରେ ସେତେବେଳେ ସେ ଅଲ୍ଲାଃଙ୍କ ଦୟା ଓ ସାହାଯ୍ୟର ହାତକୁ ନିଜ ପାଇଁ ଟାଣି ଆଣିଥାଏ । ଅଲ୍ଲାଃ ଆକାଶ ମାର୍ଗରୁ ତାହର ହୃଦୟର (ଅବସ୍ଥା)କୁ ଦେଖିଥାନ୍ତି ଏବଂ ଯଦି ତାହାର ହୃଦୟର କୌଣସି କୋଣରେ କୌଣସି ପ୍ରକାରର ତ୍ରୁଟି କିମ୍ବା ଶିରକ୍‌ର କିଛି ଅଂଶ ଦେଖିଥାଏ ତେବେ ତାହାର ଉପାସନା ଓ ଦୁଆକୁ ତାହାରି ମୁହଁକୁ ଓଲଟାଇ ମାରିଥାନ୍ତି । ଯଦି ଦେଖନ୍ତି କି ତାହାର ହୃଦୟ ସମସ୍ତ ପ୍ରକାରର ସ୍ୱାର୍ଥ ଓ ଅନ୍ଧକାରରୁ ବିଶୁଦ୍ଧ ରହିଛି ତେବେ ତାହା ପାଇଁ ନିଜ ଦୟାର ଦ୍ୱାର ଖୋଲିଦେଇଥାନ୍ତି ଏବଂ ନିଜ ଛତ୍ରଛାୟା ତଳେ ତାହାର ପାଳନ ପୋଷଣର ଦାୟିତ୍ୱ ବହନ କରିଥାନ୍ତି ।

ସୁତରାଂ ଆମ୍ଭକୁ ସର୍ବଦା ଏହି ସ୍ତର ହାସଲ କରିବା ନିମନ୍ତେ ଚେଷ୍ଟା କରିଚାଲିବା ଉଚିତ୍ । ଆମର ଉପାସନା ସର୍ବଦା ଅଲ୍ଲାଃଙ୍କ ପାଇଁ ହେଉ, ରମଜାନ ପରେ ମଧ୍ୟ ଆମେ ନିଜର ଉପାସନାର ସ୍ତର ଅବ୍ୟାହତ ରଖୁ, ଯଦ୍ୱାରା ପ୍ରତ୍ୟେକ ମୁହୁର୍ତ ଆମେ ଅଲ୍ଲାଃଙ୍କ ଛତ୍ରଛାୟା ତଳେ ରହି ତାଙ୍କ ଦ୍ୱାରା ଲାଳନ ପାଳନରୁ ଲାଭବାନ ହୋଇପାରିବା ।

ହଜରତ ମସିହ ମଉଦ ଆ:ସ କୁହନ୍ତି ତୁମେ ସେପର୍ଯ୍ୟନ୍ତ ତାଙ୍କ ନିକଟରେ ସ୍ୱୀକାର ଯୋଗ୍ୟ ହୋଇପାରି ନାହିଁ ଯେପର୍ଯ୍ୟନ୍ତ ତୁମର ବାହ୍ୟ ଓ ଅଭ୍ୟନ୍ତର ଏକ ହୋଇ ନାହିଁ । ବଡ଼ ହୋଇ ସାନମାନଙ୍କ ଉପରେ ଦୟା କର ନା କି ସେମାନଙ୍କର ଅପମାନ । ଶିକ୍ଷିତ ହୋଇ ଅଶିକ୍ଷିତମାନଙ୍କୁ ଉପଦେଶ ଦିଅ ନା କି ସେମାନଙ୍କର ଅପମାନ କର । ଧନି ହୋଇ ନିର୍ଧନୀମାନଙ୍କ ସେବା କର ନା କି ସ୍ୱାବଭିମାନୀ ହୋଇ ଗର୍ବ କର । ବିନାଶର ପଥକୁ ଭୟ କର, ଅଲ୍ଲାଃଙ୍କୁ ଭୟ କର, ସୃଷ୍ଟିର ଉପାସନା କର ନାହିଁ ଓ ନିଜ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୁଅ, ସଂସାରରୁ ନିଜକୁ ଅଲଗା କରିନିଅ । କେବଳ ଅଲ୍ଲାଃଙ୍କର ହୋଇ ତାଙ୍କ ଖାତିର ଜୀବନ ଉତ୍ସର୍ଗ କର ଓ ତାଙ୍କ ପାଇଁ ସମସ୍ତ ପ୍ରକାରର ଅସୁବିଧା ଓ ପାପକୁ ଘୃଣା କର କାରଣ ସେ ହିଁ ଶୁଦ୍ଧ । ପ୍ରତ୍ୟେକ ଶକାଳ ତୁମ ପାଇଁ ସାକ୍ଷୀ ଦେବା ଉଚିତ୍ ଯେ ତୁମେ ତକ୍‌ଓାର ସହିତ ରାତ୍ରୀ ଅତିବାହିତ କଲ ଏବଂ ପ୍ରତ୍ୟେକ ସନ୍ଧ୍ୟା ତୁମ ଖାତିର ସାକ୍ଷୀ ଦେବା ଉଚିତ୍ ଯେ ତୁମେ ଭୟ କରି ଦିନ ଅତିବାହିତ କଲ । ସଂସାରର କୋପକୁ ଡ଼ର ନାହିଁ କାରଣ ତାହା ଧୁଆଁ ପରି ଦେଖୁ ଦେଖୁକା ଉଭେଇଯିବ କାରଣ ସେମାନେ ଦିନକୁ ରାତି କରିବାର କ୍ଷମତା ରଖୁ ନାହିଁ ନାହାନ୍ତି, ବରଂ ତୁମେ ଅଲ୍ଲାଃଙ୍କ କୋପକୁ ଡ଼ର ଯାହାକି ଆକାଶରୁ ଅବତିର୍ଣ ହୋଇଥାଏ ଏବଂ ଜାହା ଉପରେ ପଡ଼ିଥାଏ ତାହାର ଉଭୟ କାଳର ମୁଳୋତ୍ପାଟନ କରିଦେଇଥାଏ । ତୁମେ ଲୋକଦେଖାଣିଆ କାର୍ଯ୍ୟ କରି ନିଜକୁ ତାଙ୍କ କବଳରୁ ରକ୍ଷା କରିପାରିବ ନାହିଁ । କ'ଣ ତୁମେ ଅଲ୍ଲାଃଙ୍କୁ ଠକି ପାରିବ ? ସୁତରାଂ ତୁମେ ସିଧା, ସ୍ୱଚ୍ଛ ଓ ପବିତ୍ର ହୋଇଯାଅ ଏବଂ ମନେରଖ ନିଜ ଭିତରେ ନିମିତ ମାତ୍ର ମଳିନତା ରହିବା ତୁମକୁ (ଅଲ୍ଲାଃଙ୍କ) ପ୍ରକାଶରୁ ଦୂରେଇ ଦେବ । ଯଦି ତୁମର କୌଣସି କୋଣରେ ମଧ୍ୟ ଅହଂକାର କିମ୍ବା ଲୋକଦେଖାଣିଆପଣ କିମ୍ବା ସ୍ୱାର୍ଥ କିମ୍ବା ଅଳସୁଆମି ରହିଛି ତେବେ ତୁମେ ସ୍ୱୀକାର ଯୋଗ୍ୟ ନୁହଁ । ଏପରି ନହୁଏ କି ତୁମେ କିଛି (ସତ୍‌କର୍ମ)କୁ ନେଇ ନିଜକୁ ଧୋକା ଦିଅ କି ଯାହା କିଛି ମୋର କରିବାର ଥିଲା, କରିନେଲି । ଦେଖ ଅଲ୍ଲାଃଙ୍କ ଇଚ୍ଛା ଯେ ତୁମ ଅସ୍ତିତ୍ୱରେ ଏକ ପୂର୍ଣ ପରିବର୍ତନ ଆସୁ ଏବଂ ସେ ତୁମଠାରୁ ଏକ ମୃତ୍ୟୁ ଚାହୁଁଛନ୍ତି । ଯାହାପରେ ସେ ତୁମକୁ ଜୀବିତ କରିବେ ଅତଏବ ତୁମେ ପରସ୍ପର ମଧ୍ୟର ଶିଘ୍ର ସନ୍ଧି କର ଏବଂ ନିଜ ଭାଇମାନଙ୍କ ଦୋଷ କ୍ଷମାକର । କାରଣ ମନ୍ଦ ବ୍ୟକ୍ତି ସେ ଯେ ନିଜ ଭାଇ ସହ ସନ୍ଧି କରିବାକୁ ପ୍ରସ୍ତୁତ ନୁହେଁ, ସେ କଟା ଯିବ କାରଣ ସେ ବିଚ୍ଛେଦ ସୃଷ୍ଟି କରୁଅଛି । ତୁମେ ନିଜର ସମସ୍ତ ପ୍ରକାରର ମାନସିକତା ଛାଡ଼ିଦେଇ ଓ ପାରଷ୍ପରିକ ମତଭେଦ ଦୂରକର । ସତ୍ୟବାଦୀ ହୋଇ ମିଥ୍ୟାବାଦୀଙ୍କ ପରି ନମ୍ର ଆଚରଣ କର ଯଦ୍ୱାରା ତୁମେ କ୍ଷମା ଯୋଗ୍ୟ ହେବ । ହଜୁର କୁହନ୍ତି- ଅହଂକାରର ମେଦବହୁଳତାକୁ ବର୍ଜନ କର, ଯେଉଁ ଦ୍ୱାର ନିମନ୍ତେ ତୁମେ ଡ଼କରା ଯାଇଛ ସେଥିରେ ଏକ ମୋଟା ମଣିଷ ପ୍ରବେଶ କରିପାରିବ ନାହିଁ । କିଭଳି ଦୁଭାର୍ଗ୍ୟ ବ୍ୟକ୍ତି ସେ ଯେ ଏହି ଉତମ କଥାଗୁଡ଼ିକୁ ସ୍ୱୀକାର କରୁ ନାହିଁ ଯାହାକି ଅଲ୍ଲାଃଙ୍କ ମୁଖରୁ ବାହାରିଲା ଓ ମୁଁ ତାହାକୁ ବର୍ଣନା କଲି । ଯଦି ତୁମେ ଇଚ୍ଛା କରୁଅଛ କି ଆକାଶରେ ତୁମ ଉପରେ ଅଲ୍ଲାଃ ସନ୍ତୁଷ୍ଟ ହୁଅନ୍ତୁ ତେବେ ତୁମେ ପରସ୍ପର ମଧ୍ୟରେ ଏପରି ହୋଇଯାଅ ଯେମିତି ଗୋଟିଏ ମାଁ ପେଟର ଭାଇ । **ତୁମମାନଙ୍କ ମଧ୍ୟରେ ଗୁରୁଜନ ସେ ଯେ ନିଜ ଭାଇର ଦୋଷ ଅଧିକ କ୍ଷମା କରିଥାଏ ଏବଂ ଅଭାଗା ଅଟେ ସେ ଯେ ଜିଦ୍‌ଖୋର ହୋଇ କାହାରିକୁ କ୍ଷମା ଦେଇନଥାଏ, ତାହାର ମୋ ସହ କୌଣସି ସମ୍ପର୍କ ନାହିଁ** । ହଜୁର କୁହନ୍ତି- ମନ୍ଦ ବ୍ୟକ୍ତି ଅଲ୍ଲାଃଙ୍କ ନିକଟବର୍ତୀ ହୋଇନଥାଏ, ଅହଂକାରୀ, ଅନ୍ୟାୟୀ, ଅତ୍ୟାଚରୀ ଅଲ୍ଲାଃଙ୍କ ନିକଟବର୍ତୀ ହୋଇନଥାନ୍ତି ଏବଂ ସେ ସମସ୍ତେ ଯେ ଅଲ୍ଲାଃଙ୍କ ପାଇଁ ସ୍ୱାଭିମାନୀ ନୁହଁନ୍ତି ତାଙ୍କର ନିକଟବର୍ତୀ (କଦାପି) ହାସଲ କରିପାରିନଥାନ୍ତି । ତୁମ ପାଇଁ ଏକ ଜରୁରୀ ଶିକ୍ଷା ଏହା ଅଟେ କି ପବିତ୍ର କୋରାନକୁ ହାତଛଡ଼ା କର ନାହିଁ କାରଣ ସେହିଥିରେ ହିଁ ତୁମର ଜୀବନ ରହିଛି । ଯେ କୋରାନର ସମ୍ମାନ କରିବ ସେମାନେ ଆକାଶରେ ସମ୍ମାନ ପାଇବ । ଯେଉଁମାନେ ପ୍ରତ୍ୟେକ କଥାରେ କୋରାନକୁ ପ୍ରାଥମିକତା ଦେବେ ସେମାନଙ୍କୁ ଆକାଶରେ ପ୍ରାଥମିକତା ଦିଆଯିବ । ବର୍ତମାନ ମାନବ ଜାତି ନିମନ୍ତେ ଧରାପୃଷ୍ଟରେ କୌଣସି ପୁସ୍ତକ ନାହିଁ କିନ୍ତୁ ପବିତ୍ର କୋରାନ ଓ ଆଦମଙ୍କ ସମସ୍ତ ସନ୍ତାନମାନଙ୍କ ପାଇଁ କୌଣସି ରସୁଲ ଓ କ୍ଷମା ପ୍ରାର୍ଥନାକାରୀ ନାହାନ୍ତି କିନ୍ତୁ ହଜରତ ମହମ୍ମଦ ସ:ଆ:ସ । ସୁତରାଂ ତୁମେ ଚେଷ୍ଟା କର କି ପ୍ରକୃତ ପ୍ରେମ ସେହି ଅବତାରଙ୍କ ସହ ରଖ ଏବଂ ତାଙ୍କ ବ୍ୟତୀତ ଅନ୍ୟ କାହାରିକୁ ପ୍ରାଧାନ୍ୟ ଦିଅ ନାହିଁ ଯଦ୍ୱାରା ତୁମେ ଆକାଶରେ ମୋକ୍ଷ ପ୍ରାପ୍ତକାରୀ ଲେଖାଯିବ । ମନେରଖ ମୋକ୍ଷ ଏହା ନୁହେଁ କି ମରିବା ଅନ୍ତେ ପ୍ରାପ୍ତ ହୋଇଥାଏ, ପ୍ରକୃତ ମୋକ୍ଷ ଏହି ସଂସାରରେ ତାର ପ୍ରକାଶ ଦେଖାଇଥାଏ । ହଜୁର କୁହନ୍ତି ମୋକ୍ଷ କିଏ ପାଇଥାଏ ? ସେ ଯେ ବିଶ୍ୱାସ ରଖିଥାଏ କି ଅଲ୍ଲାଃ ହିଁ ସତ୍ୟ ଏବଂ ହଜରତ ମହମ୍ମଦ ସ:ଆ:ସ ସୃଷ୍ଟି ଓ ସ୍ରଷ୍ଟା ମଧ୍ୟରେ କ୍ଷମା ପ୍ରାଥନାକାରୀ ତଥା ଆକାଶତଳେ ନା ତାଙ୍କ ସମତୁଲ୍ୟ ଅନ୍ୟ କେହି ଅବତାର ଅଛନ୍ତି ଏବଂ ନା କୋରାନ ସମତୁଲ୍ୟ କୌଣସି ପୁସ୍ତକ ଅଛି । ଅଲ୍ଲାଃ କାହା ପାଇଁ ପସନ୍ଦ କଲେ ନାହିଁ କି ସେ ସଦାସର୍ବଦା ପାଇଁ ଜୀବିତ ରହନ୍ତୁ କିନ୍ତୁ ଏହି ପବିତ୍ର ନବୀ ଚିରକାଳ ପାଇଁ ଜୀବିତ ଅଟନ୍ତି ।

ସୁତରାଂ ଆମ ସମସ୍ତଙ୍କୁ ରମଜାନର ଏହି ପବିତ୍ର ଅବସରରେ ସଙ୍କଳ୍ପ କରିବା ଉଚିତ୍ ଯେ, ଅଲ୍ଲାଃ ଓ ରସୁଲ ଆମମାନଙ୍କୁ ଯାହା କହିଛନ୍ତି ଏବଂ ଯାହା ହଜରତ ମସିହ ମଉଦ ଆ:ସ ବର୍ଣନା କରିଛନ୍ତି, ତାହାକୁ ଆମେ ସର୍ବଦା ନିଜ ସମ୍ମୁଖରେ ରଖିବା ତଥା ସେଥି ମୁତାବକ ଜୀବନ ଅତିବାହିତ କରିବା । ଯଦି ଆମେ ଏହା କରିନେବା ତେବେ କହିପାରିବା ଯେ, ଆମେ ରମଜାନ ଅଲ୍ଲାଃ ଓ ରସୁଲଙ୍କ ଆଦେଶ ଅନୁସାରେ ଅତିବାହିତ କରିବାର ପ୍ରୟାସ କଲୁ । ଅଲ୍ଲାଃତାଲା ଆମ୍ଭକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ଖୁତବା ଜୁମାର ଶେଷରେ ହଜୁର ଅନଓର ଅ:ବ:ଅ ଶ୍ରୀମତି ମୁଶତାକ୍ ଜୋହରା ସାହେବା ସ୍ୱାମୀ ଶ୍ରୀମାନ ଚୌଧରୀ ଜୁହୁର ଅହେମଦ ସାହେବ ବାଜଓା ରବଓା ନିବାସୀ ଓ ଶ୍ରୀମାନ ଅବ୍‌ଦୁ ବକର ସାହେବ ମିଶର ନିବାସୀଙ୍କର ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ଏବଂ ସେମାନଙ୍କ ଉତମ ଚିରିତ୍ର ଚର୍ଚ୍ଚା କଲେ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା-୧ ର ଅବଶିଷ୍ଟାଂଶ.......*

ଅନୁସରଣ କରେ, କୌଣସି ବ୍ୟଭିଚାର ତା ମନରେ ନଥାଏ, ନା ଅଲସୁଆମି ନା ଅସାବଧାନତା କରେ ଓ ନା ପୁଣ୍ୟ ସହିତ ପାପକୁ ଏକାଠି କରିଥାଏ ତାକୁ ବଂଚାଇ ଦିଆଯିବ । କିନ୍ତୁ ସେ ଯିଏ ଏହି ମାର୍ଗରେ ଅଲସୁଆ ହୋଇ ଚାଲେ ଏବଂ ତକ୍ୱାର ମାର୍ଗରେ ସମ୍ପୂର୍ଣ୍ଣ ରୂପେ ଅଗ୍ରସର ନୁହେଁ ବା ସଂସାରରେ ମଜ୍ଜି ରହେ ସେ ନିଜକୁ ପରୀକ୍ଷାରେ ପକାଇଥାଏ । ପ୍ରତ୍ୟେକ ପାର୍ଶ୍ୱରୁ ଅଲ୍ଲାଃଙ୍କ କଥା ମାନ ଏବଂ ସେ ସମସ୍ତ ବ୍ୟକ୍ତି ଯେଉଁମାନେ ନିଜକୁ ବୟତ୍‌ରେ ଦାଖଲ ବୋଲି ବିବେଚନା କରୁଛନ୍ତି, ତାଙ୍କ ପାଇଁ ଏବେ ଉଚିତ୍ ସମୟ ଯେ ସେ ତାଙ୍କ ଧନ ଦ୍ୱାରା ଏହି ସିଲ୍‌ସିଲାର ସେବା କରନ୍ତୁ । ଯେଉଁ ବ୍ୟକ୍ତି ଏକ ପଇସାର ସାମର୍ଥ୍ୟ ରଖୁଛି ସେ ସିଲ୍‌ସିଲାର ଖର୍ଚ୍ଚ ପାଇଁ ମାସକୁ ମାସ ଗୋଟିଏ ପଇସା ଦେଉ । ଏବଂ ଯେଉଁ ବ୍ୟକ୍ତି ମାସକୁ ଏକଟଙ୍କା ଦେଇପାରିବ ସେ ଏକଟଙ୍କା ମାସିକ ପ୍ରଦାନ କରନ୍ତୁ । ଫଳତଃ ଖୁଦାତାଲା ତାଙ୍କୁ ସାହାଯ୍ୟ କରିବେ । ଯଦି ପ୍ରତିମାସ ତାଙ୍କର ସାହାଯ୍ୟ ପହଂଚି ଚାଲିଥିବ ତାହା ଅଳ୍ପ ମାତ୍ରାରେ ହେଲେ ମଧ୍ୟ ତାହା ଏପରି ସାହାଯ୍ୟଠାରୁ ଉତମ, ଯାହା ଥରେ ଦେଲାପରେ ପୁଣି ଏକ ଲମ୍ବା ଅବଧି ସମୟ ପରେ ନିଜ ମନ ଇଛାରେ ଦିଆଯାଏ । ପ୍ରତ୍ୟେକ ବ୍ୟକ୍ତିର ନିଷ୍ଠା ତା ସେବା ଦ୍ୱାରା ଚିହ୍ନାପଡ଼େ । ହେ ପ୍ରୀୟ ଲୋକମାନେ ! ଏହା ଦୀନ୍ (ଧର୍ମ) ପାଇଁ ଓ ଦୀନ୍‌ର ସେବା ପାଇଁ ଉପଯୁକ୍ତ ସମୟ ଅଟେ । ଏହାକୁ ଅନୁକୂଳ ସମୟ ବୋଲି ଜାଣ ଯେ ଏହା ପୁଣି କେବେ ଆସିବ ନାହିଁ । ଜକାତ ଦେବା ବ୍ୟକ୍ତିଙ୍କୁ ଦରକାର ଯେ ସେ ଏଠାକୁ ଜକାତ ପଠାନ୍ତୁ ଓ ପ୍ରତ୍ୟେକ ବ୍ୟକ୍ତି ଅନାବଶ୍ୟକ (ଖର୍ଚ୍ଚ) ରୁ ନିଜକୁ ବଂଚାନ୍ତୁ ଏବଂ ଏହି ରାସ୍ତାରେ ସେ ଟଙ୍କା ଖର୍ଚ୍ଚ କରନ୍ତୁ । ଅସ୍ତୁ ନିଷ୍ଠାପର ହୁଅନ୍ତୁ ଯଦ୍ୱାରା କୃପା ଓ ପବିତ୍ର ଆତ୍ମାଙ୍କର ପୁରସ୍କାର ଲଭନ୍ତୁ । କାରଣ ଏହି ପୁରସ୍କାର ସେମାନଙ୍କ ପାଇଁ ପ୍ରସ୍ତୁତ ଅଛି ଯିଏ ଏହି ସିଲ୍‌ସିଲାରେ ଦାଖଲ ହୋଇଛନ୍ତି । ଆମ ନବୀ ସ:ଆ:ସଙ୍କ ଉପରେ ରୁହୁଲ୍ କୁଦୁସ୍ (ପବିତ୍ର ଆତ୍ମା) ପ୍ରକାଶ ହୋଇଥିଲା ତାହା ସମସ୍ତ ପ୍ରକାଶଠାରୁ ବଳିକରିଥିଲା । ରୁହୁଲ୍ କୁଦୁସ୍ କେବେ କୌଣସି ନବୀଙ୍କ ଉପରେ ପାରା ସଦୃଶ ପ୍ରକାଶ ହେଲା ଓ କେବେ କୌଣସି ନବୀଙ୍କ ଉପରେ ଗାଈ ରୂପରେ ପ୍ରକାଶ ହେଲା । କାହା ଉପରେ କଣ ବା ମାଛ ରୂପରେ ପ୍ରକାଶ ହେଲା । କିନ୍ତୁ ମନୁଷ୍ୟ ରୂପର ସମୟ ଆସିନଥିଲା । ଯେପର୍ଯ୍ୟନ୍ତ ପୂର୍ଣ୍ଣ ମନୁଷ୍ୟ ଅର୍ଥାତ୍ ନବୀ ସ:ଆ:ସ ଅବତୀର୍ଣ୍ଣ ହୋଇନଥିଲେ । ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ପ୍ରକଟ ହେଲେ ସେତେବେଳେ ରୁହୁଲ୍ କୁଦୁସ୍ ମଧ୍ୟ ଆପଣଙ୍କ ଉପରେ (ଆପଣ) ସମ୍ପୂର୍ଣ୍ଣ ମନୁଷ୍ୟ ହୋଇଥିବା ଯୋଗୁଁ ମନୁଷ୍ୟ ରୂପରେ ପ୍ରକଟ ହେଲେ । ଯେହେତୁ ରୁହୁଲ୍ କୁଦୁସ୍ ଙ୍କ ପ୍ରକାଶ ଦିପ୍ତିମୟ ଥିଲା ଯାହା ପୃଥିବୀରୁ ନେଇ ଆକାଶ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା । ତେଣୁ କୋରାନ୍‌ର ଶିକ୍ଷାକୁ ଶିରକ୍ (ଅନେକଶ୍ୱରବାଦ) ରୁ ସୁରକ୍ଷା ଦିଆଗଲା । ତେଣୁ ତୁମେ ଏପରି ବୈଭବଶାଳୀ ନବୀଙ୍କ ଅଧିନରେ ରହି କାହିଁକି ନିରୁତ୍ସାହ ହେଉଅଛ ? ତୁମେ ନିଜର ଏପରି ନମୁନା ଦେଖାଓ ଯାହାକୁ ଆକାଶରେ ଫରିସ୍ତା (ଦେବଦୂତ)ମାନେ ତୁମର ନିଷ୍ଠା ଦେଖି ଆଚମ୍ଭିତ ହୋଇଯିବେ ଓ ତୁମ ଉପରେ ଦରୁଦ୍ ପ୍ରେରଣ କରିବେ । ତୁମେ ଏକ ମୃତ୍ୟୁକୁ ଗ୍ରହଣ କର ଯଦ୍ୱାରା ତୁମକୁ ଜୀବନ ମିଳିବ ଓ ତୁମେ ବିଷୟ ବାସନାରୁ ନିଜକୁ ମୁକ୍ତ କର ଯଦ୍ୱାରା ଖୁଦା ସେଥିରେ ଅବତୀର୍ଣ୍ଣ ହେବେ । ଗୋଟିଏ ପଟୁ ସମ୍ପୂର୍ଣ୍ଣ ବିଛେଦ କର ଓ ଏକ ପଟେ ସମ୍ପୂର୍ଣ୍ଣ ସମ୍ପର୍କ ସ୍ଥାପନ କର (ଫଳତ) ଖୁଦା ତୁମର ସାହାଯ୍ୟକାରୀ ହେବେ । (କଶ୍‌ତିନୁହ୍ ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୮୦-୮୫)

---

*ପୃଷ୍ଠା-୨ ର ଅବଶିଷ୍ଟାଂଶ.......*

ଲୋକମାନେ ତଲାକ୍ ବିଷୟରେ ଶିଘ୍ର କରୁଛନ୍ତି । ଯଦିଚ ତାଙ୍କୁ ଏ ବାବଦରେ ମହଲତ୍ ଦିଆଯାଇଥିଲା । ତେଣୁ ଆମେ ଏପରି ଶିଘ୍ର କରୁଥିବା ଲୋକମାନଙ୍କ ଉପରେ ସେମାନଙ୍କ ତରଫରୁ ଗୋଟିଏ ମଜ୍‌ଲସ୍‌ରେ ଦିଆଯାଇଥିବା ତିନି ତଲାକ୍‌କୁ ୩ ରୂପେ ଜାରି କରିବାକୁ ଚାହୁଁଛୁ । ସୁତରାଂ ହଜ୍‌ରତ୍ ଉମର୍ ର:ଅ ଏପରି କରିଲେ ।

ହନ୍‌ଫିମାନେ ହଜ୍‌ରତ୍ ଉମର୍ ର:ଅ ଙ୍କ ଏହି ଫଇସଲାରୁ ବୁଝିନିଅନ୍ତି ଯେ ଗୋଟିଏ ସମୟରେ ଦିଆଯାଇଥିବା ତିନି ତଲାକ୍ ତିନୋଟି ଗଣାହୁଏ । ହନ୍‌ଫିମାନଙ୍କ ମୁକାବିଲାରେ ଗୋଟିଏ ଗୋଷ୍ଠୀ ଯାହାର ନାମ ଅହ୍‌ଲେ ଇଲମ୍ ସେ କହନ୍ତି ଯେ ହଜ୍‌ରତ୍ ଉମର୍ ର:ଅଙ୍କ ଏପରି ନିଷ୍ପତି ନେବା କେବଳ ଦଣ୍ଡ ଉଦ୍ଦେଶ୍ୟରେ ଓ ସାମୟିକ ଥିଲା । କିନ୍ତୁ ସବୁବେଳ ପାଇଁ କୟାମତ୍ ପର୍ଯ୍ୟନ୍ତ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ଅମଳ କରାଯିବ । ଯମାତ୍ ଅହେମଦୀୟାର ମଧ୍ୟ ଏହି ଚିନ୍ତାଧାରା । ସୁତରାଂ ଫିକ୍କା ଅହେମଦୀୟା ପର୍ସନାଲ୍ ଲ ରେ ଲେଖା ହୋଇଛି ଯେ 'ଏହି କଥା ପ୍ରମାଣିତ ରିୱାୟତ୍ ଦ୍ୱାରା ସ୍ପଷ୍ଟ ଅଟେ ଯେ ଆଁ ହଜ୍‌ରତ୍ ସ:ଆ:ସ, ହଜ୍‌ରତ୍ ଅବୁବକର୍ ର:ଅ ଙ୍କ ସମ୍ପୂର୍ଣ୍ଣ ଖିଲାଫତ୍‌ର ସମୟ ଓ ହଜ୍‌ରତ୍ ଉମର୍ ର:ଅ ଙ୍କ ଖିଲାଫତ୍ ଅବଧିର ପ୍ରାରମ୍ଭିକ ଦୁଇବର୍ଷ ପର୍ଯ୍ୟନ୍ତ ଗୋଟିଏ ମଜ୍‌ଲିସ୍‌ରେ ଦିଆଯାଇଥିବା ତିନିଗୋଟି ତଲାକ୍‌କୁ ଗୋଟିଏ ବୋଲି ବିବେଚନା କରାଯାଉଥିଲା । କିନ୍ତୁ ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ଏହା ଅନୁଭବ କଲେ କି ଶରୀୟତ୍ ଦ୍ୱାରା ଦିଆଯାଇଥିବା ଗୋଟିଏ ସରଳ ବ୍ୟବସ୍ଥାକୁ କିଛି ମୁର୍ଖ ଲୋକମାନେ ଥଟ୍ଟା ପରିହାସ କରିଚାଲିଛନ୍ତି । ତେଣୁ ଆପଣ ଏପରି ନିର୍ଦ୍ଦେଶ ଦେଲେ ଯେ ଲୋକମାନଙ୍କର ଏପରି ଶିଘ୍ର କରିବା ଉପରେ ଅଙ୍କୁଶ ଲଗାଯାଉ ଓ ଏପରି ଦିଆଯାଇଥିବା ତିନି ତଲାକ୍‌କୁ ତିନୋଟି ରୂପେ ଗଣାଯାଉ ଯଦ୍ୱାରା ଲୋକମାନଙ୍କୁ ଚେତାବନୀ ଦିଆଯାଇପାରିବ । କିନ୍ତୁ ହଜ୍‌ରତ୍ ଉମର୍ ର:ଅଙ୍କ ଏହି ହୁକୁମ୍ କେବଳ ଦଣ୍ଡପାଇଁ ଥିଲା, ସବୁବେଳପାଇଁ ଏହାକୁ ଲାଗୁ କରାଯାଇପାରିବନାହିଁ । (ଫିକା ଅହେମଦୀୟା ପର୍ସନାଲ୍ ଲ, ପୃଷ୍ଠା-୮୦)

ଜଣେ ମୁସଲ୍‌ମାନ୍ ପୁରୁଷକୁ ତିନି ତଲାକ୍‌ର ଅଧିକାର ଶରୀୟତ୍ ନିଶ୍ଚିତ ରୂପେ ଦେଇଛି । କିନ୍ତୁ ଗୋଟିଏ ବୈଠକରେ ତିନି ତଲାକ୍‌କୁ ବ୍ୟବହାର କରିବାର ଅଧିକାର ଦେଇନାହିଁ ବରଂ ତିନୋଟି ଅଲଗା ଅଲଗା ମୌକାରେ ବ୍ୟବହାର କରିବା ପାଇଁ ଅଧିକାର ଦେଇଛି ।

ପ୍ରକୃତରେ ଗୋଟିକ ପରେ ଗୋଟିଏ ତିନି ତଲାକ୍‌ର ଅଧିକାର ପୁରୁଷଙ୍କ ଉପରେ ଶରିୟତ୍‌ର ଗୋଟିଏ ଦୟା ଅଟେ ଯେ ସବୁଦିନ ପାଇଁ ବିଛେଦ ହୋଇଯିବା ପୂର୍ବରୁ ପୁରୁଷକୁ ବାରମ୍ବାର ଚିନ୍ତା କରିବା ଏବଂ ବୁଝିବାର ଅବସର ଦିଆଯାଇଛି । ଶରୀୟତ୍‌ରେ ଏଥିଯୋଗୁଁ ଏହି ମୌକା ଦେଇଛି ଯେ ଲୋକମାନେ ମୁର୍ଖତା ଏବଂ ଭୁଲ୍ ବଶତଃ ଉଠାଇଥିବା ପଦକ୍ଷେପକୁ ଫେରାଇନେବାର ଅବକାଶ ରହିବ । ତଲାକ ପରେ ଯଦି ପଶ୍ଚାତାପ ବା ଦୁଃଖ ଅନୁଭବ ହୁଏ ତାର ଇସ୍‌ଲାହା ପାଇଁ ଅତି କମ୍‌ରେ ହାତରେ ଗୋଟିଏ ମୌକା ତ ରହିବ । ନଚେତ୍ ଶରିୟତ୍ ଉପରେ ଏ ଆରୋପ ମଧ୍ୟ ଲଗାଯାଇଥାନ୍ତା ଯେ ଅନୁତାପ ପରେ ମଧ୍ୟ ସେ ଇସ୍‌ଲାହା କରିବା ପାଇଁ କୌଣସି ମୌକା ଦେଲାନାହିଁ ବୋଲି । କିନ୍ତୁ ଶରିୟତ୍‌ର ଏହି ଅନୁଗ୍ରହକୁ ମୁର୍ଖ ଓ୍ୱଲେମା ଏବଂ ମୁର୍ଖ ଲୋକମାନେ ହାସ୍ୟସ୍ପଦ ରୂପେ ବ୍ୟଙ୍ଗ କରି ରହେମତ୍ (କରୁଣା) ର ଗୋଟିଏ ହୁକୁମ୍‌କୁ ନିଜ ପାଇଁ ଜହ୍‌ମତ୍ (କଷ୍ଟକର) କରିଦେଇଛନ୍ତି ।

ନିକାହା ଅତ୍ୟନ୍ତ ପବିତ୍ର ବନ୍ଧନ (ଚୁକ୍ତି) ଅଟେ । ଶରିୟତ୍‌ର କଦାପି ଏହି ଇଛା ନାହିଁ ଯେ ଏହି ପବିତ୍ର ବନ୍ଧନକୁ ମାମୁଲି କଥାରେ ଓ ଛୋଟ ଛୋଟ ଝଗଡ଼ା ଦ୍ୱାରା ଭାଙ୍ଗିଦେଉ । ହଁ ଅତ୍ୟନ୍ତ ମଜ୍‌ବୁରି (ବିବଶ) ଅବସ୍ଥାରେ ଯଦି ସ୍ୱାମୀ ସ୍ତ୍ରୀ ଙ୍କର ଏକତ୍ର ରହିବା ଅସମ୍ଭବ ହୁଏ ତେବେ ଶରିୟତ୍ ଏହି ବନ୍ଧନ (ଚୁକ୍ତି) କୁ ଭାଙ୍ଗି ଦେବା ପାଇଁ ଅନୁମତି ଦେଇଥାଏ । ଆଁ ହଜ୍‌ରତ୍ ସ:ଆ:ସ ତଲାକ ଦେବାକୁ ବହୁତ ଅପସନ୍ଦ କରୁଥିଲେ । ଆପଣଙ୍କର ନିତୀବାଣି-**ଅବଗଜୁଲ୍ ହଲାଲି ଇଲଲ୍‌ଲାହିତ୍ ତଲାକ୍** (ଅବୁଦାଉଦ୍ କିତାବୁଲ୍ ତଲାକ୍) ଅର୍ଥାତ୍- ଉଚିତ୍ ଏବଂ ହଲାଲ୍ ଜିନିଷମାନଙ୍କ ମଧ୍ୟରୁ ଯେଉଁଟି ସମସ୍ତଙ୍କଠାରୁ ଅଧିକା ଅପସନ୍ଦ ତାହା ତଲାକ୍ ଅଟେ ।

ଆମେ ପୁଣି କହୁଅଛୁ ଯେ ନିକାହ ଦ୍ୱାରା ପୁରୁଷକୁ ତିନି ତଲାକ୍‌ର ଅଧିକାର ନିଶ୍ଚିତ ମିଳିଥାଏ । କିନ୍ତୁ ପୁରୁଷକୁ ଶରୀୟତ୍ ଏହି ଅନୁମତି ଦେଇନାହିଁ ଯେ ସେ ଗୋଟିଏ ସମୟରେ ତା ସ୍ତ୍ରୀକୁ ତିନିଗୋଟି ତଲାକ୍ ଦେଉ । ଯଦି କୌଣସି ମୁସଲ୍‌ମାନ୍ ପୁରୁଷ ତା ସ୍ତ୍ରୀ କୁ ତଲାକ୍ ଦେବାକୁ ଚାହେଁ ତେବେ କେବଳ ଥରେ ହିଁ ତଲାକ୍ ଦେଉ । ମୌଖିକ ବା ଲିକ୍ଷିତ ଆକାରରେ ସ୍ତ୍ରୀ କୁ ତଲାକ୍‌ର ଏତଲା ଦେଉ । ଯେଉଁଥିରେ ସାକ୍ଷୀ ମଧ୍ୟ ରଖନ୍ତୁ । ଏତଲା ମିଳିବା ପରେ ତଲାକ୍‌ର କାର୍ଯ୍ୟକ୍ରମ ଜାରି ହୋଇଯାଏ । ଏବେ ପୁରୁଷ ପାଇଁ ତିନି ମାସର ମହଲତ୍ ଅଛି । ଏହି ତିନିମାସ ମଧ୍ୟରେ ଯଦି ସେ ଚାହିଁବେ ନିଜ ତଲାକ୍‌କୁ ସେ ଫେରାଇ ନେଇପାରିବେ । ଅର୍ଥାତ୍-ତଲାକ୍‌ରୁ ରୋଜୁ କରିପାରିବେ ଯାହାକୁ ଫିକିହି ଇସ୍‌ତିଲାହା (ଅର୍ଥରେ) ତଲାକ୍ ରଜଇ କୁହାଯାଏ । ଏବଂ ଯଦି ସେ ରୋଜୁ ନକରେ ତେବେ ତିନିମାସ ଶେଷ ହେଲା ପରେ ତଲାକ୍ ହୋଇଯିବ ଯାହାକୁ ଫିକିହି ଇସ୍‌ତିଲାହା (ଅର୍ଥରେ) ତଲାକ୍ ବାଇନ୍ କୁହାଯାଏ । ବାଇନ୍ ତଲାକ୍‌ର ଅର୍ଥ ହେଉଛି ଏପରି ତଲାକ୍ ଯାହା ଅନୁଷ୍ଠିତ ହୋଇଯିବା ପରେ ସ୍ୱାମୀଙ୍କ ପାଇଁ ରୋଜୁ (ଫେରିଯିବାର) କରିବାର କୌଣସି ମୌକା ନଥାଏ । ପରନ୍ତୁ ପୁରୁଷ ନୂଆ ନିକାହ କରି ପୁନର୍ବାର ସେହି ସ୍ତ୍ରୀକୁ ନିଜର କରିପାରିବ । ଏହିପରି ଏହି ଦୁଇଟି କ୍ଷେତ୍ରରେ ପୁରୁଷ ତରଫରୁ ଗୋଟିଏ ତଲାକ୍ ଅନୁଷ୍ଠିତ ହେବ ଯଦିଚ ସେ ରୋଜୁ ମଧ୍ୟ କରିନେଇଥିବ ବା କରିନଥିବ ବା ତଲାକ୍ ବାଇନ୍ ଅନୁଷ୍ଠିତ ହୋଇଯାଇଥିବ ।

ତଲାକ୍ ଦେବା ଏହା ହେଉଛି ଶରୀୟତି ପ୍ରଣାଳୀ । ଯାହା ଉପରେ ବର୍ଣ୍ଣନା କରାଗଲା । ପ୍ରଥମତଃ ଲିଖିତ ବା ମୌଖିକ ତଲାକ୍ ଦେବା ପୂର୍ବରୁ ପୁରୁଷକୁ କେତେଗୁଡିଏ ଏପରି ଅବସ୍ଥାରେ ଯିବାକୁ ପଡ଼ିଥାଏ ଯେଉଁଥିରେ ସୁଲାହ (ମିଳାମିଶା) କରିବା ପାଇଁ ଭରପୁର ଚେଷ୍ଟା କରାଯାଇଥାଏ । ଉଦାହରଣ ସ୍ୱରୂପ ତହ୍‌କିମ୍‌ର ପ୍ରଣାଳୀ ଏବଂ ଯେତେବେଳେ ପୁରୁଷ ତଲାକ୍ ଦେଇଦେଇଥାଏ ତେବେମଧ୍ୟ ତାଙ୍କୁ ତିନିମାସର ମହଲତ୍ ଚିନ୍ତା କରିବା ପାଇଁ ମିଳିଥାଏ । ଯେଉଁ ସମୟରେ ସେ ଦେଇଥିବା ତଲାକ୍‌କୁ ଫେରାଇନେଇପାରିବ । ଶରୀୟତ୍‌ର ଏହି ଉଦ୍ଦେଶ୍ୟ ଅଟେ ଯେ ତଲାକ୍‌କୁ ଥର ଥର କରି ଦିଆଯାଉ ଏବଂ ଅଲଗା ଅଲଗା ସମୟରେ ବହୁତ ଚିନ୍ତା କରି ଅତ୍ୟନ୍ତ ଆବଶ୍ୟକ ପଡ଼ିଲେ ଦିଆଯାଉ । ନଚେତ୍ ତିନୋଟି କଣ ଏକ ସମୟରେ ତିନିଲକ୍ଷ ତଲାକ୍ ଦେବାର ଅଧିକାର ଯଦି ମିଳିଯାଏ ତେବେ ବି ମଧ୍ୟ କୌଣସି ଲାଭ ହେବ ନାହିଁ । ଟିକେ ଭାବିକରି ଦେଖନ୍ତୁ ତ ଯଦି ଶରୀୟତ୍‌ର ଏପରି ଉଦ୍ଦେଶ୍ୟ ଥାଆନ୍ତା ଯେ ତିନି ତଲାକ୍ ଏକତ୍ରିତ ଦିଆଯାଇପାରିବ ବୋଲି ତେବେ ଗୋଟିଏ ତଲାକ୍ ହିଁ ଯଥେଷ୍ଟ ଥିଲା, ତିନଟିର କଣ ଆବଶ୍ୟକତା ଥିଲା ? ଯଦି ତିନି ତଲାକ୍ ଏକାବେଳେ ଗୋଟିଏ ବୈଠକରେ ଦିଆଯାଏ ଏବଂ ଏହା ମାନିନିଆଯାଏ

ଯେ ତିନୋଟିଜାକ ଅନୁଷ୍ଠିତ ହୋଇଗଲା ବୋଲି ଯେପରି କିଛି ଫିର୍‌କା ଏହାକୁ ମାନୁଛନ୍ତି ଏପରି ଅବସ୍ଥାରେ ଯଦି ଏହା ଭୁଲ୍ ରୂପେ ହୋଇଥାଏ ବା ଏହାପରେ ପଶ୍ଚାତାପ ହୁଏ ତେବେ ଏହି ଅବସ୍ଥାରେ ଇସ୍‌ଲାହ କରିବାର ବା ଫେରିଯିବାର କୌଣସି ବାଟ ବାକି ରହେନାହିଁ ଯଦ୍ୱାରା ଶରୀୟତ୍ ଉପରେ ଗୋଟିଏ ଆରୋପ ଲାଗିଥାଏ ଯେ ସେ ଫେରିବାର କୌଣସି ରାସ୍ତା ଖୋଲା ରଖିନାହାଁନ୍ତି । ତେଣୁ କୋରାନ୍ ଏବଂ ହଦିସ୍ ଅନୁସାରେ ଏକାଠି ତିନୋଟି ତଲାକ୍ ଦେବାର କୌଣସି ଶରୀୟତି କାନୁନ୍ ନାହିଁ । ଯଦି କେହି ଭୁଲ୍ ବଶତଃ ମୁର୍ଖାମିର ସହିତ ଏକାଠି ତିନି ତଲକ ଦେଇଦିଏ ତେବେ ଏହାକୁ ଗୋଟିଏ ବୋଲି ଗଣାଯିବ, ତିନୋଟି ନୁହେଁ ।

ପବିତ୍ର କୋରାନ୍‌ରେ ସ୍ପଷ୍ଟ ରୂପେ ନିର୍ଦ୍ଦେଶ ଅଛି ଯେ ଅତ୍‌ତଲାକୋ ମର୍‌ରତାନ୍ ଫ ଇମ୍‌ସାକୁମ୍ ବି ମାରୁଫିନ୍ ଅଓ ତସ୍‌ରିହୁମ୍ ବିଇହ୍‌ସାନିମ୍ । ଅର୍ଥାତ୍-ଏପରି ତଲାକ୍ ଯେଉଁଥିରେ ରୋଜୁ ହୋଇପାରିବ ତାହା ଦୁଇ ପ୍ରକାରର । ସାହାବାମାନେ ପଚାରିଲେ ହେ ରସୁଲ୍ଲା ତୃତୀୟ ତଲାକ୍‌ଟି କଣ ? କହିଲେ ତୃତୀୟ ତଲାକ୍‌ର ଚର୍ଚ୍ଚା ଫ ଇମ୍‌ସାକୁମ୍ ବି ମାରୁଫିନ୍ ଅଓ ତସ୍‌ରିହୁମ୍ ବିଇହ୍‌ସାନିମ୍ ରେ ଅଛି । ଏଠି ମର୍‌ରତନ୍‌ର ଅର୍ଥ ଏହା ଅଟେ ଯେ ମର୍‌ର ତନ୍ ବାଦା ମର୍‌ରତିନ୍ ଅର୍ଥାତ୍-ଅଲଗା ଅଲଗା ଦୁଇଟି ସମୟରେ ଦୁଇଟି ତଲାକ ଦିଆଯିବା ଏବଂ ତୃତୀୟ ତଲାକ୍ ଦେବା ପରେ ସମ୍ପୂର୍ଣ୍ଣ ବିଚ୍ଛେଦ ହୋଇଯିବ । ପୁଣି ସେ ସ୍ୱାମୀ ସ୍ତ୍ରୀ କଦାପି ନିଜ ମଧ୍ୟରେ ନିକାହ କରିପାରିବେ ନାହିଁ, ଯେ ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ- ହତ୍‌ତା ତନ୍‌କିହା ଜଉଜନ୍ ଗଏରହୁ ପୁରା ନ ହୋଇଯାଇଛି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି: 'ଯଦି ତିନି ତଲାକ୍ ଗୋଟିଏ ସମୟରେ ଦିଆଯାଇଥିବ ତେବେ ତା ସ୍ୱାମୀକୁ ଏ ଲାଭ ମିଳିବ ଯେ ସେ ଇଦ୍‌ଦତ୍ ବିତାଇବା ପରେ ମଧ୍ୟ ସେହି ସ୍ତ୍ରୀ ସହିତ ନିକାହ କରିପାରିବ । କାରଣ ଏ ତଲାକ୍ ନାଜାଏଜ୍ (ଅବୈଧ) ତଲାକ୍ ଥିଲା । ବାସ୍ତବରେ ପବିତ୍ର କୋରାନ୍ ଉପରେ ଅନୁଧ୍ୟାନ କଲେ ଜଣାପଡୁଛି ଯେ ଖୁଦାତାଲାଙ୍କୁ ଏ କଥା ଭଲାଲାଗେ ନାହିଁ ଯେ ପୁରୁଣା ସମ୍ପର୍କ ରଖିଥିବା ସ୍ୱାମୀ ସ୍ତ୍ରୀ ମାନେ ନିଜର ସମ୍ପର୍କକୁ ଛାଡ଼ି ଅଲଗା ହୋଇଯାନ୍ତି । ସେଥିପାଇଁ ଅଲ୍ଲାଃତାଲା ତଲାକ୍ ନିମନ୍ତେ ବଡ଼ବଡ଼ ସର୍ତ୍ତ ରଖିଛି । ଅବଧି ପରେ ତିନି ତଲାକ୍ ଦେବା ଏବଂ ସେମାନଙ୍କର ଗୋଟିଏ ସ୍ଥାନରେ ଏକତ୍ରିତ ରହିବା ଇତ୍ୟାଦି ଏହା ସବୁ ଏଥିପାଇଁ ଅଟେ ଯେ କାଳେ କୌଣସି ସମୟରେ ସେମାନଙ୍କର ମନର ଦୁଃଖ ଦୂରହୋଇ ନିଜ ଭିତରେ ସୁଲାହ (ମିଳାମିଶା) ହୋଇଯିବ । ଅଲ୍ଲାଃତାଲାର ନିର୍ଦ୍ଦେଶ - ଅତ୍‌ତଲାକୋ ମର୍‌ରତାନ୍ (ବକ୍‌ରା-୨୩୦) ଅର୍ଥାତ୍ ଦୁଇଥର ତଲାକ୍ ଦେବା ପରେ ସ୍ତ୍ରୀ କୁ ଉତମ ରୂପେ ଘରେ ରଖିନିଅ ବା ଅନୁଗ୍ରହ ଦେଇ ବିଦା କରିଦିଆଯାଉ । ଯଦି ଏତେ ଲମ୍ବା ସମୟ ଭିତରେ ମଧ୍ୟ ସେମାନଙ୍କର ଆପୋଷରେ ସୁଲାହ ହେଉନାହିଁ ତେବେ ପୁଣି ନିଜ ଭିତରେ ମିଳାମିଶା ହେବା ଅସମ୍ଭବ ଅଟେ' ।

**(ମଲ୍‌ଫୁଜାତ୍ ଖଣ୍ଡ-୩ୟ, ପୃଷ୍ଠା-୨୧୩, ଏଡ଼ିଶନ୍-୨୦୦୩, ମୁଦ୍ରଣ-କାଦିଆନ୍)**

ନିଶ୍ଚିତ ରୂପେ କିଛି ଫିର୍‌କା ଏକ ସମୟରେ ଦିଆଯାଇଥିବା ତିନି ତଲାକ୍‌କୁ ୩ ବୋଲି ମାନି ନେଇଛନ୍ତି ଏବଂ ତାକୁ ତଲାକେ ବତ୍‌ତା କହୁଛନ୍ତି ଅର୍ଥାତ୍ ଏପରି ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ବିଚ୍ଛେଦ ହୋଇଯାଏ କିନ୍ତୁ ଏହା ଇସ୍‌ଲାମୀୟ ଶିକ୍ଷାର ବିରୋଧୀ ଅଟେ । ଯେତେବେଳେ ମନୁଷ୍ୟ ଗୋଟିଏ ଭୁଲ୍ ପଦକ୍ଷେପ ନେଇନିଏ ତେବେ ତାହାର ଆଉ ଗୋଟିଏ ପାଦ ମଧ୍ୟ ଭୁଲ୍ ହୋଇଥାଏ । ତେଣୁ ଏପରି ବିଦଅତ୍‌କୁ ଆପଣେଇବା ଫଳରେ ମୁସଲମାନଙ୍କ ମଧ୍ୟରେ ହଲାଲା ପରି ଅତ୍ୟନ୍ତ ଖରାପ ଏବଂ ଲଜ୍ଜାଜନକ ପ୍ରଥା ଜନ୍ମ ହୋଇଯାଇଛି । କଥାକଥିତ ଓ୍ୱଲେମା ମାନେ ନିର୍ଦ୍ଦୋଶ ଏବଂ ଅଜ୍ଞାନ ସାଧାରଣ ଲୋକଙ୍କୁ ବିନାଶର ଗର୍ତ୍ତ ମଧ୍ୟକୁ ଠେଲି ଦେଉଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ବୁଦ୍ଧି ଓ ବିବେକ ପ୍ରଦାନ କରନ୍ତୁ ଏବଂ ଏ ଯୁଗର ଇମାମ୍ ମସିହ୍ ମେହେଦୀଙ୍କୁ ମାନି ନିଜର ଇହକାଳ ଓ ପରକାଳକୁ ସୁଧାରିବାକୁ ଚେଷ୍ଟା କରନ୍ତୁ । କ୍ରମଶଃ....

(ମନ୍‌ସୁର୍ ଅହେମଦ୍ ମସ୍‌ରୁର୍)

**b b b b b b b b b b b b b**

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ପାଇଁ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ଓ୍ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖିବାର୍ ଅଲ୍‌ଫଜଲ୍ ଇଂଟର୍‌ନ୍ୟାସିନାଲ୍ ୧୨ ମଇ ୨୦୧୭ କୁ ଧନ୍ୟବାଦ ।)

## ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର୍ ତା-୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତ୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ

ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:

**୧୮୦୦ ୩୦୧୦ ୨୧୩୧**

(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)

Web.www.alislam.org

www.ahmadiyyamuslimjamaat.in

*ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......*

କରୁଅଛୁ । ଏହା ହିଁ ଅସଲ ଓ ବାସ୍ତବିକ ବାର୍ତ୍ତା ଅଟେ ଯାହାକୁ ସଂସାରର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଂଚାଇବା ଉଚିତ୍ । ଆମେ ଆମର ସାମର୍ଥ୍ୟ ମୁତାବକ ଉତମ ଚେଷ୍ଟା ଜାରି ରଖିଛୁ ଯେ ଏହି ବାର୍ତ୍ତାକୁ ଦୁନିଆର କୋଣ ଅନୁକୋଣରେ ପହଂଚାଇବୁ । ଆମର ବାର୍ତ୍ତା ଦୁନିଆର କୋଣ ଅନୁକୋଣରେ ପହଂଚିସାରିଛି ମଧ୍ୟ । ଆଜି ଏହି ଯମାତ୍ ଯାହାର ମୂଳଦୁଆ ଜଣେ ବ୍ୟକ୍ତି ଭାରତର ଗୋଟିଏ ଛୋଟିଆ ଗାଁରେ ରଖିଥିଲେ । ସେଠାରେ ଭଲ ରାସ୍ତାଟିଏ ମଧ୍ୟ ନଥିଲା । ସେହି ଯମାତ୍ ଆଜି ଦୁନିଆର ୨୦୯ ଦେଶରେ ପ୍ରସାରିତ ହୋଇଯାଇଛି ଏବଂ ସାରା ଦୁନିଆରେ ଅହେମଦୀ ଅଛନ୍ତି ।

* ତେଣୁ ଏପରି ସମୟରେ ଯେତେବେଳେ ଗୋଟିଏ ପଟେ କିଛି କଠୋରପନ୍ଥୀ ମୁସଲ୍‌ମାନ୍ ଇସ୍‌ଲାମ୍‌ର ଅଣବାସ୍ତବିକ ଚେହେରାକୁ ଉପସ୍ଥାପନ କରୁଛନ୍ତି ଏ ସମୟରେ ଆବଶ୍ୟକ ଅଛି ଯେ ଆମେ ଇସ୍‌ଲାମ୍‌ର ବାସ୍ତବିକ ଚେହେରାକୁ ଯାହା ଶାନ୍ତି, ପ୍ରେମ ଓ ଭାଇଚାରାକୁ ଉପସ୍ଥାପନ କରିଥାଏ, ଉତ୍ସାହର ସହିତ ଆଗକୁ ନେଇଚାଲିବୁ ।

* ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁୱ୍ୱର୍ କହିଲେ ଇସ୍‌ଲାମ୍‌ର ଅର୍ଥ ହେଉଛି ଶାନ୍ତି ଏବଂ ଆମେ ଶାନ୍ତିପ୍ରିୟ ଲୋକ ଅଟୁ । ଏବଂ ଆମେ ଏହି ସହରର ଏକ ଅଂଶ । ଏହି ପ୍ରଦେଶର ଏକ ଅଂଶ ସ୍ୱରୁପ । ସେହିପରି ଏହି ଦେଶର ମଧ୍ୟ ଏକ ଅଂଶ ଅଟୁ । ସେଥିଯୋଗୁଁ ଆପଣମାନେ ଦେଖିବେ ଯେ ଅହେମଦୀମାନେ ପ୍ରତ୍ୟେକ ସ୍ତରରେ ସମାଜରେ ଇଂଟିଗ୍ରେଟେଡ୍ ଅଟନ୍ତି । ଏବଂ ଆମେ ଦେଶ ଓ ଜାତିର ଉନ୍ନତି ପାଇଁ ଚେଷ୍ଟା କରିଥାଉ । ଆମେ ଆମର ସବୁ ଚେଷ୍ଟା ଏଥିପାଇଁ କରିଥାଉ ଯେ ଦୁନିଆରେ ନିଜ ଦେଶର ନାମ ଉଚ୍ଚା କରିପାରିବୁ । ଏହି କାର୍ଯ୍ୟ ଆମେ ସମସ୍ତେ କରୁଅଛୁ । ଯଦି ଏହି ସହରର ମୋଟ ଶାନ୍ତି ଅଟେ ତେବେ ଏହା ହିଁ ଆମର ବାର୍ତ୍ତା ଅଟେ । ଅର୍ଥାତ୍-ଶାନ୍ତି, ପ୍ରେମ ଓ ଭାଇଚାରା । ଏହାପରେ ଏହି ସଭାରେ ସାମିଲ୍ ହୋଇଥିବା ସମସ୍ତ ଅତିଥିମାନେ ହଜୁର୍ ଅନୁୱ୍ୱର୍‌ଙ୍କ ସହିତ ଭୋଜନ କଲେ । ଭୋଜନ ପରେ ବିଭିନ୍ନ ଅତିଥିମାନେ ଜଣକ ପରେ ଜଣେ ହଜୁର୍ ଅନୁୱ୍ୱର୍‌ଙ୍କ ନିକଟକୁ ଯାଇ ସାକ୍ଷାତ୍ କଲେ । ହଜୁର୍ ଅନୁୱ୍ୱର୍ ବହୁତ ସ୍ନେହର ସହିତ କଥା ହେଲେ । ଏହାପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କିଛି ସମୟ ପାଇଁ ଲଜ୍‌ନା ହଲ୍‌ରେ ପଦାର୍ପଣ କଲେ । ଯେଉଁଠି ସ୍ତ୍ରୀଲୋକମାନେ ଆପଣଙ୍କ ଦର୍ଶନର ସୁଯୋଗ ପାଇଲେ ।

* ପ୍ରୋଗ୍ରାମ୍ ମୁତାବକ ଏହି ଉଦ୍‌ଘାଟନୀ ଉତ୍ସବ ପରେ ଏଠାରୁ ମ୍ୟୁନିଖ୍ ନିମନ୍ତେ ଯାତ୍ରା କରିବାର ଥିଲା । ଆଗସ୍‌ବର୍ଗ୍‌ରୁ ମ୍ୟୁନିଖ୍‌ର ଦୂରତା ୯୦କି.ମି. । ୮:୧୦ ରେ ଏଠାରୁ ଯାତ୍ରା ଆରମ୍ଭ ହେଲା । ପାଖାପାଖି ଏକଘଂଟା ପାଂଚ ମିନିଟ୍ ସମୟର ଯାତ୍ରା ପରେ ୯:୧୫ ରେ ହଜୁର୍ ଅନୁୱ୍ୱର୍ ଅ:ବ:ଅଙ୍କ ମସ୍‌ଜିଦୁଲ୍ ମେହେଦୀ ମ୍ୟୁନିଖ୍‌ରେ ଶୁଭାଗମନ ହେଲା । ଯେଉଁକ୍ଷଣି ହଜୁର୍ ଅନୁୱ୍ୱର୍‌ଙ୍କ ଗାଡ଼ି ମସ୍‌ଜିଦୁଲ୍ ମେହେଦୀର ବାହ୍ୟ ସୀମା ଭିତରେ ପହଂଚିଲା । ଯମାତ୍‌ର ଲୋକମାନେ ପୁରୁଷ ସ୍ତ୍ରୀ, ଯୁବକ ଯୁବତୀ ଏବଂ ବୃଦ୍ଧମାନେ ମଧ୍ୟ ନିଜ ପ୍ରିୟ ଆକାଙ୍କୁ ବହୁତ ଉତ୍ସାହର ସହିତ ସ୍ୱାଗତ କଲେ । ଛୋଟ ଛୋଟ ଝିଅପୁଅମାନେ ଗ୍ରୁପ୍ ହୋଇ ଦୁଆଇଆ ନଜମ୍ ଓ ଶୁଭକାମନାର ଗୀତ ପରିବେଷଣ କଲେ । ସମସ୍ତ ଛୋଟ ବଡ଼ ନିଜ ହାତକୁ ଉଠାଇ ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଉଥିଲେ । ସ୍ତ୍ରୀଲୋକମାନେ ନିଜର ପ୍ରିୟ ଆକାଙ୍କୁ ଦେଖି ଖୁସି ହେଉଥିଲେ ।

ଲୋକାଲ୍ ସଦର୍ ଯମାତ୍ ଶ୍ରୀମାନ୍ ମୋଜଫର୍ ଗୋନ୍ଦଲ୍ ସାହେବ୍, ରିଜିଓନାଲ୍ ଅମିର୍ ଜଫର ନାଗି ସାହେବ, ମୋବୋଲିଗ୍ ସିଲ୍‌ସିଲା ମ୍ୟୁନିଖ୍ ଉସ୍‌ମାନ ନୱ୍ୱିଦ୍ ସାହେବ ଏବଂ ଖୁଦାମୁନ୍ ଅହେମଦୀୟା ମ୍ୟୁନିଖ୍‌ର କାଏଦ୍ ରାହିଲ୍ ଅହେମଦ୍ ସାହେବ ହଜୁର୍ ଅନୁୱ୍ୱର୍‌ଙ୍କୁ ସ୍ୱାଗ ଜଣାଇଲେ ଏବଂ ହାତ ମିଳାଇଲେ । ହଜୁର୍ ଅନୁୱ୍ୱର୍ ଅ:ବ:ଅ ନିଜର ହାତ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହି ମସ୍‌ଜିଦ୍ ଭିତରେ ପଦାର୍ପଣ କଲେ ।

ହଜୁର୍ ଅନୁୱ୍ୱର୍ ନମାଜ ମଗ୍‌ରିବ୍ ଏବଂ ଇସା ଜମାକରି ପଢ଼ାଇଲେ । ନମାଜ ପରେ ହଜୁର୍ ଅନୁୱ୍ୱର୍ ମସ୍‌ଜିଦ୍‌ର ବାହ୍ୟ ଭାଗରେ ପଦାର୍ପଣ କଲେ ଏବଂ ମେହେରାବ୍ ଆଡ଼କୁ ମସ୍‌ଜିଦ୍ ବଢ଼ାଇବା ସମ୍ପର୍କରେ ମକାମି ସଦର୍ ସାହେବ୍‌ଙ୍କୁ ନିର୍ଦ୍ଦେଶ ଦେଲେ ଏବଂ କହିଲେ ଯେ କୌଣସି ଆର୍କିଟେକ୍ଟ ଏ ବିଷୟରେ ସଠିକ୍ ପ୍ଲାନିଂ ଆପଣଙ୍କୁ ଦେବେ ।

ଏହାପରେ ହଜୁର୍ ଅନୁୱ୍ୱର୍ ଲଜ୍‌ନା ହଲ୍‌ରେ ପଦାର୍ପଣ କଲେ । ଯେଉଁଠି ସ୍ତ୍ରୀ ଲୋକମାନେ ଆପଣଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପାଇଲେ । ଏଠି ମ୍ୟୁନିଖ୍‌ରେ ରାତ୍ରିଯାପନର ବ୍ୟବସ୍ଥା ଫ୍ରେଇଜିଂ ଇଲାକାର ମାରିଅଟ୍ ହୋଟେଲ୍‌ରେ କରାଯାଇଥିଲା । ମସ୍‌ଜିଦ୍‌ରୁ ପ୍ରାୟ ୨୦ ମିନିଟ୍ ଯାତ୍ରା ପରେ ହଜୁର୍ ଅନୁୱ୍ୱର୍ ନିଜର ରହିବା ସ୍ଥଳରେ ଆସି ପହଂଚିଲେ ।

## ଅତିଥିମାନଙ୍କର ମନୋଭାବ

ଆଜି ମସ୍‌ଜିଦ୍ ବଇତୁଲ୍ ନସିର୍‌ର ଉଦ୍‌ଘାଟନୀ ଉତ୍ସବରେ ସାମିଲ୍ ହୋଇଥିବା କିଛି ଅତିଥିମାନେ ନିଜର ମନୋଭାବକୁ ପ୍ରକାଶ କଲେ ଯେ ଖଲିଫତୁଲ୍ ମସିହିଲ୍‌ଙ୍କ ଭାଷଣ ସେମାନଙ୍କ ମନ ଉପରେ ଗଭୀର ପ୍ରଭାବ ପକାଇଛି । କିଛି ଅତିଥିମାନଙ୍କର ମନୋଭାବ ନିମ୍ନରେ ଦିଆଯାଉଛି ।

*ଜଣେ ଅତିଥି ହଜୁର୍ ଅନୁୱ୍ୱର୍‌ଙ୍କ ଭାଷଣ ପରେ ନିଜର ଭାବ ପ୍ରକାଶ କରି କହିଲେ ଏହା ବହୁତ ସୁନ୍ଦର ବାର୍ତ୍ତା ଥିଲା ଯାହାକୁ ଆପଣ ପହଂଚାଉଛନ୍ତି । ମୋର ଏହା ଇଛା ଯେ ଆପଣଙ୍କ ବାର୍ତ୍ତା ଇସ୍‌ଲାମୀୟ ଦେଶଗୁଡିକରେ ଅଧିକାଂଶ ଲୋକପର୍ଯ୍ୟନ୍ତ ପହଂଚୁ । ଏହାଦ୍ୱାରା ଶାନ୍ତିପ୍ରତିଷ୍ଠା ହୋଇପରିବ । ଜଣେ ଅହେମଦୀ ଟ୍ୟାକ୍‌ସି ଡ୍ରାଇଭର୍‌ଙ୍କ ନିମନ୍ତ୍ରଣ ଦ୍ୱାରା ମୁଁ ଏହି ପ୍ରୋଗ୍ରାମରେ ସାମିଲ୍ ହୋଇଛି । ମୁଁ ବହୁତ ଭାଗ୍ୟବାନ୍ ଅଟେ ଯେ ମୁଁ ଏହି ନିମନ୍ତ୍ରଣକୁ ଗ୍ରହଣ କରିଛି । ମଁ ଏଠାରୁ ବହୁତ କିଛି ଶିଖିଲି । ତେଣୁ ଆପଣଙ୍କ ଯମାତ ପାଇଁ ସଫଳତା କାମନା କରୁଛି । ଆମକୁ ଆପଣଙ୍କ ପରି ଲୋକଙ୍କର ବହୁତ ଆବଶ୍ୟକ ଅଛି ।

*ଜଣେ ଅତିଥି କହିଲେ ଯେ ଖଲିଫାଙ୍କର ଭାଷଣ ବହୁତ ପ୍ରଭାବଶାଳୀ ଥିଲା । ବିଶେଷ କରି ଯେଉଁ ସମ୍ମାନର କଥା କହିଲେ ତାହା ମୋ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା । ମୋର ତ କୌଣସି ଧର୍ମ ନାହିଁ । କିନ୍ତୁ ମୁଁ ସେହି ସମ୍ମାନର ଅନୁସରଣ କରିପାରିବି । ଆଫ୍ରିକାରେ ପାଣି ପହଂଚାଇବାର କାର୍ଯ୍ୟ ବହୁତ ପ୍ରଭାବିତ କଲା । ଆପଣମାନେ ସଠିକ୍ ରାସ୍ତାରେ ଅଗ୍ରସର ହେଉଛନ୍ତି । ଆବଶ୍ୟକ ଏହା ଅଟେ ଯେ ଅଧିକରୁ ଅଧିକ ଲୋକେ ଆପଣଙ୍କ ବାର୍ତ୍ତା ସହିତ ପରିଚିତ ହୁଅନ୍ତୁ ।

*ଜଣେ ଅତିଥି କହିଲେ ଖଲିଫାଙ୍କର ଶାନ୍ତି ଉପରେ ପର୍ଯ୍ୟବେଶିତ ବାର୍ତ୍ତା ଅତି ସୁନ୍ଦର ଥିଲା । ଏହି ବାର୍ତ୍ତାକୁ ଆପଣ ସାରା ଦୁନିଆରେ ପ୍ରସାର କରାନ୍ତୁ ।

*ଜଣେ ସ୍କୁଲ୍ ଟିଚର୍ ନିଜର ଭାବକୁ ବ୍ୟକ୍ତ କରି କହିଲେ ମୁଁ ନିଜର ସ୍କୁଲ୍‌ର ପିଲାମାନଙ୍କୁ ଇସ୍‌ଲାମ୍ ସମନ୍ଧୀୟ ପ୍ରଶ୍ନର ଉତର ଦେଇପାରୁନଥିଲି । କାରଣ ମିଡ଼ିଆରେ ଯାହା କିଛି ଆସୁଥିଲା ତାହା ଇସ୍‌ଲାମ୍‌ର ବହୁତ ବିରୋଧ ଥିଲା । ଆଜି ଏହି ପ୍ରୋଗ୍ରାମ୍‌ରେ ଖଲିଫତୁଲ୍ ମସିହ୍‌ଙ୍କର ଭାଷଣ ଜରିଆରେ ମୋତେ ଏତେ ଅଧିକ ମ୍ୟାଟର୍ ମିଳିଯାଇଛି ଯେ ମୁଁ ନିଜର ଶିକ୍ଷାର୍ଥୀମାନଙ୍କୁ ଏବେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ଜଣାଇପାରିବି । ସେଥିଯୋଗୁଁ ମୁଁ ଆପଣଙ୍କ ଖଲିଫାଙ୍କୁ ଧନ୍ୟବାଦ ଜଣାଉଛି ।

*ଜଣେ ଜର୍ମାନୀ ସ୍ତ୍ରୀ ଲୋକ କହିଲେ ଖଲିଫତୁଲ୍ ମସିହ୍‌ଙ୍କ କଥା ଶୁଣିଲା ପରେ ମୋ ହୃଦୟ ବହୁତ ପ୍ରଭାବିତ ହୋଇଛି । ମୁଁ ଜାଣିନଥିଲି ଯେ ଇସ୍‌ଲାମ୍‌ର ଶିକ୍ଷା ଏତେ ସୁନ୍ଦର ଅଟେ ବୋଲି । ଖଲିଫତୁଲ୍ ମସିହ୍‌ଙ୍କ କଥା ଶୁଣିବା ପରେ

ମୋ ମନରେ ପ୍ରଶ୍ନ ଉଠୁଛି ଯେ ଏତେ ସୁନ୍ଦର ଶିକ୍ଷା ଥିବା ସତ୍ତ୍ୱେ ଇସ୍‌ଲାମ୍ କାହିଁକି ବଦ୍‌ନାମ୍ ହୋଇଯାଇଛି ? ମୁଁ ପ୍ରାର୍ଥନା କରୁଛି ଯେ ଆପଣଙ୍କର ଇସ୍‌ଲାମ୍ ପ୍ରସାର ହୋଇ ସବୁ ଲୋକଙ୍କ ପାଖରେ ପହଂଚୁ ।

*ଜଣେ ନାସ୍ତିକ ସ୍ତ୍ରୀ ଲୋକ କହିଲେ ଯେ ଆପଣଙ୍କ ଖଲିଫା ଆଜି ଯେଉଁ କଥା କହିଛନ୍ତି ବର୍ତ୍ତମାନ ସମୟରେ ସଂସାର ବାସୀଙ୍କ ପାଇଁ ଏହା ବହୁତ ଆବଶ୍ୟକ ଅଟେ । ଏହି ସହରରେ ବହୁତ ଜର୍ମାନ ଲୋକ ଏପରି ଅଛନ୍ତି ଯିଏ ଇସ୍‌ଲାମ୍‌କୁ ଭୟ କରୁଛନ୍ତି । ମୋ ଆଖପାଖରେ ମଧ୍ୟ ଏପରି ଲୋକ ଅଛନ୍ତି ଯେଉଁମାନେ ମୋତେ ଏହି ପ୍ରୋଗ୍ରାମକୁ ଆସିବା ପାଇଁ ରୋକୁଥିଲେ । ମୋ ମତ ଅନୁସାରେ ଆପଣ ଖଲିଫାଙ୍କ ବକ୍ତବ୍ୟକୁ ଖବର କାଗଜରେ ଛାପନ୍ତୁ, ରେଡ଼ିଓରେ ପ୍ରସାରଣ କରନ୍ତୁ ଏବଂ ଏହାର ପାମ୍ପଲେଟ୍ ପ୍ରକାଶ କରି ସହରର ଲୋକମାନଙ୍କୁ ବାଂଟନ୍ତୁ । ଫଳତଃ ସେମାନଙ୍କର ହୃଦୟରୁ ଭୟ ଦୁରେଇଯିବ ।

*ଜଣେ ଅତିଥି କହିଲେ ମୋ ପାଇଁ ହଜୁର୍ ଅନୁଓ୍ୱରଙ୍କ ଭାଷଣରେ ବର୍ଣ୍ଣିତ ସମସ୍ତ ପଏଂଟ୍ ନୂଆ ଥିଲା ।

*ଜଣେ ଅତିଥି ମ୍ୟାରିଆନି ୱେବ୍ ସାହିବା ଯିଏ ଗ୍ରୀନ୍ ପାର୍ଟିର ଲୋକାଲ୍ ଗୋଷ୍ଠୀର ଚେୟାରମ୍ୟାନ୍ ଅଟନ୍ତି । ସେ ନିଜର ଭାବ ପ୍ରକାଶ କରି କହିଲେ ଯେ ଖଲିଫତୁଲ୍ ମସିହ୍‌ଙ୍କ ଏହି ସ୍ୱଷ୍ଟିକରଣ ବହୁତ ପସନ୍ଦ ହେଲା ଯେ ଖିଲାଫତ୍ ଅହେମଦୀୟାର ବା ଯମାତ୍ ଅହେମଦୀୟାର ଆଇ.ଏସ୍ ଆଇ.ଏସ୍‌ର କଥାକଥିତ ଖିଲାଫତ୍ ସହିତ କୌଣସି ସମ୍ପର୍କ ନାହିଁ । ଆଜି ମୋତେ ଇସ୍‌ଲାମ୍‌ର ଅସଲ ବାସ୍ତବିକ ଶିକ୍ଷାର ଜ୍ଞାନ ହାସଲ ହେଲା । ଅହେମଦୀୟତ୍‌ର ଶାନ୍ତି, ପ୍ରେମ ଏବଂ ଭାଇଚାରାର ବାର୍ତ୍ତା ଅସଲ ଇସ୍‌ଲାମୀୟ ଶିକ୍ଷା ଅଟେ ।

*ହଜୁର୍ ଅନୁଓ୍ୱରଙ୍କ ବ୍ୟକ୍ତିତ୍ୱକୁ ଦେଖି ଜଣେ ଜର୍ମାନୀ ଯୁବକ କହିଲେ ଯେ ଆପଣ ମୋର ଭାବକୁ ବୁଝିନପାରନ୍ତି । ମୋର ଜେଜ କିଛି ବର୍ଷ ପୂର୍ବେ ମରିଯାଇଛନ୍ତି । ସେ ମୋର ସବୁଠାରୁ ଭଲ ସାଙ୍ଗ ଥିଲେ ଏବଂ ମୋତେ ଉପଦେଶ ଦେଉଥିଲେ । ଆଜି ଯେତେବେଳେ ମୁଁ ହଜୁର୍ ଅନୁଓ୍ୱରଙ୍କୁ ଦେଖିଲି ମୋତେ ଏପରି ଲାଗିଲା ଯେ ଖୁଦାତାଲା ମୋର ଜେଜକୁ ପ୍ରଦାନ କରିଛନ୍ତି ।

*ଜଣେ ଜର୍ମାନୀ ଅତିଥି ମିଷ୍ଟର୍ ସେଭେନ୍ ନିଜର ଭାବବ୍ୟକ୍ତ କରି କହିଲେ ମୁଁ ପିଲାଦିନେ ନିଜର ମା ବାପାଙ୍କ ସହିତ ପୋପ୍‌ଙ୍କ ସଙ୍ଗେ ସାକ୍ଷାତ୍ କରିବା ପାଇଁ ରୋମ୍ ଯାଇଥିଲି । ମୋତେ ସେଠି ଆଧାତ୍ମିକତା ଅନୁଭବ ହୋଇଥିଲା । ମୁଁ ଭାବୁଥିଲି ଯେ ଇସାଇୟତ୍ ସତ୍ୟ ଅଟେ । କିନ୍ତୁ ଆଜି ଏଠାକୁ ଆସି ଖଲିଫତୁଲ୍ ମସିହ୍‌ଙ୍କୁ ଦେଖି ଓ ଆପଣଙ୍କ ଭାଷଣ ଶୁଣିବା ପରେ ମୋତେ ଏକ ବିଶେଷ ଆଧାତ୍ମିକତାର ଅନୁଭବ ହେଲା । ଯାହାର ଗଭୀର ପ୍ରଭାବ ମୋ ଉପରେ ପଡ଼ିଛି । ମୋର ମନରେ ଯାହା କିଛି ସଙ୍କୋଚ ଥିଲା ତାହା ଦୂର ହୋଇସାରିଛି ।

*ଆଗସ୍‌ବର୍ଗ ୟୁନିଭରସିଟିର ପ୍ରଫେସର୍ ଡ଼ଃ କ୍ଲାଉସ୍ ଓଫ୍ କହିଲେ ଯେ ଯାହା କିଛି ଖଲିଫା କହିଲେ ଯଦି ତାହା ବାସ୍ତବରେ ଆପଣଙ୍କର ବାର୍ତ୍ତା ଅଟେ ତେବେ ଆପଣଙ୍କୁ ବହୁତ ସଫଳତା ପ୍ରାପ୍ତ ହେବ । ପ୍ରଫେସର୍ ଜଣକ ଏତେ ପ୍ରଭାବିତ ହେଲେ ଯେ ସେ ୟୁନିଭରସିଟିରେ ପ୍ରଦର୍ଶନୀ ଲଗାଇବା ପାଇଁ ଆଗଭର ହେଲେ । ଏବଂ ଇଛା କଲେ ଯେ ଯମାତ୍ ପବ୍ଲିକ୍‌ରେ ଅଧିକରୁ ଅଧିକ ପ୍ରଦର୍ଶିତ ହେଉ । ଆପଣଙ୍କର ବାର୍ତ୍ତା ସମସ୍ତଙ୍କୁ ପହଂଚୁ ।

*ଜଣେ ଅତିଥି କହିଲେ ଯେ ଖଲିଫାଙ୍କର ଭାଷଣ ଜରିଆରେ ଆମେ ଆପଣଙ୍କର ବିଶ୍ୱାସ, ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ଏବଂ ଯମାତ୍‌ର ସେବା ବିଷୟରେ ଅବଗତ ହେଲୁ ।...

*ଜଣେ ମହିଳା ମିସେସ୍ ଷ୍ଟକ୍ ସାହିବା ନିଜର ଭାବ ବ୍ୟକ୍ତ କରି କହିଲେ ଯେ ଆମେ ବଡ଼ ଭାଗ୍ୟବାନ୍ ଅଟୁ, ଆପଣଙ୍କ ଭଳି ଶାନ୍ତିପ୍ରିୟ ଲୋକ ଆମ ସହରର ଅଂଶ ଅଟନ୍ତି ।

*ଆଉଜଣେ ଅତିଥି କହିଲେ ମୁଁ ଆଜିର ଉତ୍ସବରେ ସାମିଲ୍ ହୋଇଥିବାରୁ ଆପଣଙ୍କୁ ଧନ୍ୟବାଦ ଦେଉଛି । ଖଲିଫତୁଲ୍ ମସିହ୍‌ଙ୍କର ଭାଷଣ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ଆଶାବ୍ୟକ୍ତ କରୁଥିଲା ।...

*ଜଣେ ମୁସଲମାନ୍ ଅତିଥି ନିଜର ଭାବ ପ୍ରକାଶ କରି କହିଲେ ଯେ ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ ଆପଣଙ୍କ ଖଲିଫା ନିଜର ଏତେବଡ଼ ଦାୟିତ୍ୱକୁ କେବଳ ଶାନ୍ତି ଓ ପ୍ରେମର ପ୍ରସାରଣ ପାଇଁ ବ୍ୟବହାର କରୁଛନ୍ତି । ଆପଣଙ୍କ ନିକଟରେ କୌଣସି ଭୌତିକବାଦ ନାହିଁ ନା କୌଣସି ରାଜନୈତିକ ଲକ୍ଷ୍ୟ ଅଛି ।

*ଜଣେ ଜର୍ମାନୀ ମହିଳା ହଜୁରଙ୍କର ବକ୍ତବ୍ୟ ଶୁଣି କହିଲେ ସମସ୍ତ ମୁସଲମାନମାନେ ଏପରି ହୋଇଯାଆନ୍ତେ କି । ଖଲିଫାଙ୍କ ଚେହେରାରୁ ବହୁତ ଜ୍ୟୋତି ଧୈର୍ଯ୍ୟ ଓ ଶାନ୍ତି ବାରି ହେଉଥିଲା ।

*ଜଣେ ଅତିଥି କହିଲେ ଯେ ଆଜି ଆମକୁ ଅସଲ୍ ଇସ୍‌ଲାମ୍‌ଙ୍କ ଠିକଣା ମିଳିଲା । ଯେଉଁପରି ଆପଣ ଇସ୍‌ଲାମ୍‌ର ଜ୍ଞାନ ରଖିଛନ୍ତି ଏବଂ ଯେପରି ଇସ୍‌ଲାମ୍ ଶିକ୍ଷାର ବର୍ଣ୍ଣନା ଓ ପ୍ରକାଶ ଆପଣ କରୁଛନ୍ତି ତାହା ଅନ୍ୟ ମୁସଲମାନ୍ ମାନଙ୍କ ମଧ୍ୟରେ ନାହିଁ ।

*ଜଣେ ଅତିଥି ହଜୁରଙ୍କର ବକ୍ତବ୍ୟ ଶୁଣି କହିଲେ ଆପଣଙ୍କର ଖଲିଫା ସମଗ୍ର ସଂସାରର ଲିଡ୍‌ର ହେବା ଉଚିତ୍ ।

*ଜଣେ ଅତିଥି କହିଲେ ଯେ ଆପଣଙ୍କ ଯମାତ୍‌ର ସଫଳତାର ମାପ ଏହି ଜିନିଷରୁ ଲଗାଯାଇପାରିବ ଯେ ତୁର୍କିମାନେ ୧୯୬୦ ରୁ ଏଠାରେ ଅଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ମସଜିଦ୍ ତିଆରି କରିପାରିନାହାଁନ୍ତି । କିନ୍ତୁ ଯମାତ୍ ଅହେମଦୀୟା ଏତେଗୁଡିଏ ପ୍ରତିରୋଧ ହେବା ସତ୍ତ୍ୱେ ମଧ୍ୟ ମସଜିଦ୍ ନିର୍ମାଣ କଲା । ଆପଣଙ୍କ ଯମାତ୍ ପ୍ରତି କ୍ଷେତ୍ରରେ କ୍ରୀୟାଶୀଳ ଜଣାପଡୁଛି ।

*ଜଣେ ମହିଳା ଅତିଥି କହିଲେ ଖଲିଫତୁଲ୍ ମସିହ୍‌ଙ୍କ ପବିତ୍ର ଶାନ୍ତିପ୍ରିୟ ଚେହେରା ହୃଦୟ ଉପରେ ଗଭୀର ପ୍ରଭାବ ପକାଇଛି ।...

*ଆଗସ୍‌ବର୍ଗର ଟିଭି ପ୍ରତିନିଧି କହିଲେ ଯେ ଏପରି ପ୍ରୋଗ୍ରାମ୍ ମୁଁ ପୂର୍ବରୁ କେବେ ଦେଖିନଥିଲି । ଜଣେ ଧର୍ମୀୟ ନେତା ଏବଂ ଲୋକମାନଙ୍କର ପ୍ରଭାବିତ ଚେହେରାକୁ ଦେଖି ବହୁତ ଭଲ ଲାଗିଲା ।

*ଜଣେ ଯୁବକ କହିଲେ ସେ ନାସ୍ତିକ ଅଟନ୍ତି କିନ୍ତୁ ସେ ଯଦି କୌଣସି ଧର୍ମ ଉପରେ ମନବଳାଇଛନ୍ତି ତେବେ ତାହା ଅହେମଦୀମାନଙ୍କର ଧର୍ମ ଅଟେ ।

*ଜଣେ ଜର୍ମାନୀ ଯୁବକ କହିଲେ ଯେ ସେ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଲେ ଯେ ପାକିସ୍ତାନ୍‌ରେ ଆମର ମୁଖାଲିଫତ୍ (ବିରୋଧ) ହେଉଛି । ତା ସତ୍ତ୍ୱେ ମଧ୍ୟ ଆମେ ସେଠାରେ ମାନବ ଜାତିର ଉନ୍ନତି ପାଇଁ କାମ କରୁଅଛୁ । ଏ କଥାରୁ ଜଣାପଡୁଛି ଯେ ଆପଣଙ୍କର କଥାକୁ କେହି ଶୁଣୁନାହାଁନ୍ତି । କାରଣ ମିଡ଼ିଆ କେବଳ ଖରାପ ଖବର ଦେଉଛି ।

*ଆଉ ଜଣେ ଜର୍ମାନୀ ଯୁବକ କହିଲେ ମୋର ମତ ଏହା ହେବ ଯେ ଯଦି ଏପରି ପ୍ରୋଗ୍ରାମ୍ ଆପଣମାନେ କରିବେ ତେବେ ଆମର ସ୍ଥାନୀୟ ରାଜନୈତିଜ୍ଞ ମାନଙ୍କ ବ୍ୟତୀତ ସବୁତକ ସମୟ ଖଲିଫତୁଲ୍ ମସିହ୍‌ଙ୍କୁ ଦିଆଯାଉ ଯଦ୍ୱାରା ଆମେ ଖଲିଫତୁଲ୍ ମସିହ୍‌ଙ୍କ ଠାରୁ ଅଧିକରୁ ଅଧିକ କଥା ଶୁଣିପାରିବୁ । ଜଣେ ପୁରୁଷ ଅତିଥି କହିଲେ ଯେ ଅହେମଦୀୟା ମୁସ୍‌ଲିମ୍ ଯମାତ୍ ଇସ୍‌ଲାମୀୟ ବିଶ୍ୱରେ ଏପରି ଅଟନ୍ତି ଯିଏ ଶାନ୍ତିପ୍ରିୟ ଇସ୍‌ଲାମୀୟ ଶିକ୍ଷା ଦେଉଅଛି । ସେଥିପାଇଁ ମୁଁ ଏଠାକୁ ଆସିଛି ଯେ ତାଙ୍କର ମହାମହିମ ଖଲିଫାଙ୍କର ପ୍ରତ୍ୟକ୍ଷ୍ୟ ଭାଷଣ ଶୁଣିପାରିବି ।...

*ଜଣେ ପୁରୁଷ ଅତିଥି କହିଲେ ମହାମହିମ ଖଲିଫତୁଲ୍ ମସିହ୍‌ଙ୍କର ଭାଷଣ ମୋ ହୃଦୟ ଉପରେ ଗଭୀର ପ୍ରଭାବ ପକାଇଲା ଯେ ଇସ୍‌ଲାମ୍ ଭାଇଚାରାକୁ କେତେ ଗୁରୁତ୍ୱ ଦେଉଛି ।...

*ଜଣେ ପୁରୁଷ ଅତିଥି କହିଲେ ଯେ ମୋ ପାଇଁ ସମ୍ମାନର ବିଷୟ ଅଟେ ଯେ ଆଜି ମୁଁ ମହାମହିମ ଖଲିଫତୁଲ୍ ମସିହ୍‌ଙ୍କ ସହିତ ଦ୍ୱିତୀୟ ଥର ସାକ୍ଷାତ୍ କରିଛି । ସେ ଅତ୍ୟନ୍ତ ଜ୍ଞାନୀ ପୁରୁଷ ଜଣାପଡୁଛନ୍ତି ।...

*ଜଣେ ମହିଳା ଅତିଥି କହିଲେ ମହାମହିମ ଖଲିଫତୁଲ୍ ମସିହ୍‌ଙ୍କ ନିକଟରୁ ଶାନ୍ତିର ରଶ୍ମୀ ବିଛୁରିତ ହେଉଛି ଏବଂ ଏପରି ଅନୁଭବ ହେଉଛି ଯେ ସେ ବହୁତ ସମ୍ମାନୀୟ ଏବଂ ସୌଭାଗ୍ୟଶାଳୀ ବ୍ୟକ୍ତି ଅଟନ୍ତି ।

*ଜଣେ ପୁରୁଷ ଅତିଥି କହିଲେ ମହାମହିମ ଖଲିଫତୁଲ୍ ମସିହ୍ ବିଲ୍‌କୁଲ୍ ଠିକ୍ କହିଛନ୍ତି ଯେ ଯଦି ଆମେ ଖୋଲାଖୋଲି ଭାବେ ଏବଂ ମିଳିମିଶି କରି ପ୍ରେମ ଓ ଭାଇଚାରା ସହିତ ରହିବା ତେବେ ସବୁ ପ୍ରକାରର ଶଙ୍କା ଶେଷ ହୋଇଯିବ । ଖଲିଫତୁଲ୍ ମସିହ୍‌ଙ୍କ ବ୍ୟକ୍ତିତ୍ୱରୁ ମୋତେ ଏପରି ଅନୁଭବ ହେଉଥିଲା ଆପଣ ନିଜ ଯମାତ୍‌ର ଲୋକମାନଙ୍କୁ ବହୁତ ଭଲ ପାଉଛନ୍ତି ।

*ଜଣେ ପୁରୁଷ ଅତିଥି କହିଲେ ଯେ ଆଜିର ଏହି ଶାନ୍ତିପ୍ରିୟ ପରିବେଶ ଦ୍ୱାରା ମୁଁ ଅତ୍ୟନ୍ତ ପ୍ରଭାବିତ ହୋଇଛି । ମହାମହିମ ଖଲିଫତୁଲ ମସିହ୍ ଜଣେ ଅତ୍ୟନ୍ତ ଶାନ୍ତିପ୍ରିୟ ଲୋକ ଅଟନ୍ତି ।...

*ଜଣେ ମହିଳା ଅତିଥି କହିଲେ ଆଜିକାର ଏହି ଭାଇଚାରାର ପରିବେଶ ଦ୍ୱାରା ମୁଁ ବହୁତ ପ୍ରଭାବିତ ହୋଇଛି ଏବଂ ନିଜକୁ ବହୁତ ଖୁସି ଲାଗୁଛି ଯେ ଏଠାକୁ ବହୁତ ଜର୍ମାନୀ ଲୋକ ଆସିଛନ୍ତି ।...

## ମସ୍‌ଜିଦ୍ ଉଦ୍‌ଘାଟନର ମିଡ଼ିଆରେ କଭରେଜ୍

ମସ୍‌ଜିଦ୍ ବଇତୁଲ୍ ଆଫିୟତ୍ ୱାର୍ଲଡ଼ ସିଟ୍ ଏବଂ ମସ୍‌ଜିଦ୍ ବଇତୁଲ୍ ନସିର୍ ଆଗସ୍‌ବର୍ଗର ଉଦ୍‌ଘାଟନୀ ଉତ୍ସବ ମୌକାରେ ଇଲୋକ୍‌ଟ୍ରୋନିକ୍ ଏବଂ ପ୍ରିଂଟ୍ ମିଡ଼ିଆ କଭରେଜ୍ ଦେଲେ । ମସ୍‌ଜିଦ୍ ବଇତୁଲ୍ ଆଫିୟତ୍ ୱାର୍ଲଡ୍ ସିଟ୍‌ର ଉଦ୍‌ଘାଟନୀ ଉତ୍ସବ ଅବସରରେ ନିମ୍ନଲିଖିତ ଟି.ଭି ଓ ଖବରକାଗଜର ଜର୍ନାଲିଷ୍ଟ ଆସିଥିଲେ ।

(୧) SWR T.V Channel

(୨) ଖବରକାଗଜ BADISCHE-ZEITUNG-DE

(୩) ଖବରକାଗଜ SUDKURIER

*ଖବରକାଗଜ BADISCHE-ZEITUNG-DE ନିଜର ଅନ୍‌ଲାଇନ୍ ୱେବ୍‌ସାଇଟ୍‌ରେ ମସ୍‌ଜିଦ୍ ଆଫିୟତ୍‌ର ଉଦ୍‌ଘାଟନୀ ଖବର ଦେଇ ଲେଖିଲା: 'ଅହେମଦୀୟା ଯମାତ୍‌ର ଉତ୍ସବ, ମସ୍‌ଜିଦ୍ ଆଫିୟତ୍‌ର ଉଦ୍‌ଘାଟନ'

ମସଜିଦ୍ ଆଫିୟତ୍ ୱାର୍ଲଡ୍ ସିଟ୍ ଟାଇଜେନ୍‌ର ଉଦ୍‌ଘାଟନୀ ଅବସରରେ ବିଶ୍ୱବ୍ୟାପୀ ଯମାତ୍ ଅହେମଦୀୟାର ଖଲିଫା ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ୍ ନିଜେ ଉପସ୍ଥିତ ଅଛନ୍ତି । ଖଲିଫତୁଲ୍ ମସିହ୍ ସର୍ବପ୍ରଥମେ ଫଳକର ଉନ୍ମୋଚନ କଲେ ଏବଂ ଦୁଆ କରାଇଲେ । ଏହାପରେ ଖଲିଫତୁଲ୍ ମସିହ୍ ପ୍ରେମ୍ ଓ ଶାନ୍ତିର ପ୍ରକାଶ ପାଇଁ ମସ୍‌ଜିଦ୍‌ର ପ୍ରାଙ୍ଗଣରେ ଗୋଟିଏ ଗଛ ଲଗାଇଲେ । ଖଲିଫତୁଲ୍ ମସିହ୍‌ଙ୍କ ଭାଷଣର ଜର୍ମାନୀ ଅନୁବାଦ କରାଗଲା । ସେଥିରେ ଆପଣ କହିଲେ ଯେ ଆମେ ଇସ୍‌ଲାମ୍‌ର ପ୍ରକୃତ ବାର୍ତ୍ତାକୁ ପ୍ରସାର କରୁଅଛୁ । ପୁଣି ଖଲିଫା ସାହେବ୍ କହିଲେ ଯେ ମୁସ୍‌ଲିମ୍ ଯମାତ୍ ଅହେମଦୀୟା ଶାନ୍ତି, ପ୍ରେମ ଓ ଭାଇଚାରା ପ୍ରସାର କରିବାକୁ ଚାହୁଁଅଛି । ଏହାପରେ ବିଭିନ୍ନ ଅତିଥିମାନଙ୍କର ଚର୍ଚ୍ଚା କଲେ ଯେଉଁମାନେ ଏହି ପ୍ରୋଗ୍ରାମରେ ଯୋଗ ଦେଇଥିଲେ ।

*ଆଉ ଗୋଟିଏ ଖବରକାଗଜ SUDKURIER ନିଜର ଅନ୍‌ଲାଇନ୍ ୱେବ୍‌ସାଇଟ୍‌ରେ ତିନୋଟି ଫଟୋ ଛାଡ଼ିଥିଲା । ଗୋଟିଏ ଫଟୋରେ ହଜୁର୍ ଅନୁୱର୍ ଏବଂ ଅନ୍ୟାନ୍ୟ ଅତିଥିଗଣ ବସିଛନ୍ତି । ଦ୍ୱିତୀୟ ଫଟୋଟି ଷ୍ଟେଜ୍‌ର ଫଟୋ ଅଟେ ଯେଉଁଠି ହଜୁର୍ ଅତିଥିମାନଙ୍କ ପାଇଁ ଭାଷଣ ଦେଉଛନ୍ତି । ତୃତୀୟ ଫଟୋଟିରେ ହଜୁର୍ ଅନୁୱର ଗଛ ଲଗାଉଛନ୍ତି । ଖବର୍‌ର ହେଡ୍‌ଲାଇନ୍‌ରେ ଲେଖାହୋଇଥିଲା ଅହେମଦୀୟା ଯମାତ୍‌ର ମସ୍‌ଜିଦ୍ ଆଫିୟତ୍ ୱାର୍ଲଡ଼୍ ସିଟ୍ ଟାଇମ୍‌ଜେନ୍ ରେ ଉଦ୍‌ଘାଟନ ହେଲା । ଏହି ଅବସରରେ ବିଶ୍ୱବ୍ୟାପି ଯମାତ୍ ଅହେମଦୀୟାର ଖଲିଫା ମିର୍ଜା ମସ୍‌ରୁର୍ ଅହେମଦ୍ ନିଜେ ଉପସ୍ଥିତ ଥିଲେ । ଏହି ପ୍ରୋଗ୍ରାମ୍ ସାରା ଦୁନିଆରେ ପ୍ରସାରଣ ହେଉଥିଲା ।...

*ଏହିପରି ଗୋଟିଏ ଟି.ଭି ଚ୍ୟାନେଲ୍ ଓ ଦୁଇଟି ଖବର କାଗଜ ଜରିଆରେ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ଉଦ୍‌ଘାଟନୀ ଉତ୍ସବର ଖବର ୨୨,୭୩,୭୮୯ ଲୋକ ପର୍ଯ୍ୟନ୍ତ ପହଂଚିଲା ।

ମସ୍‌ଜିଦ୍ ବଇତୁଲ୍ ନସିର୍ ଆଗସ୍‌ବର୍ଗର ଉଦ୍‌ଘାଟନୀ ଉତ୍ସବରେ ନିମ୍ନଲିଖିତ ଇଲେକ୍‌ଟ୍ରୋନିକ୍ ଏବଂ ପ୍ରିଂଟ୍ ମିଡ଼ିଆ କଭରେଜ୍ ଦେଇଛନ୍ତି ।

| T.V Channel | Viewers/ Listners |
|---|---|
| Bayerischer Rundfunk | 1766462 |
| BR Mediathek Video | 1766462 |
| Sat One | |
| **Radio** | **Viewers/ Listners** |
| Antenne Bayern | 448141 |
| Radio Bamberg | 23113 |
| Plassenburg | 375 |
| EINS | |
| **Newspapers** | **Viewers/ Readers** |
| Aichacher Zeitung | 6268 |
| Arcor | 1274500 |
| Augsburger Allgemeine | 862519 |
| Bayerische Slaatszeitung | 5216 |
| Bild de | 9132186 |
| Die welt | 6357477 |
| Focus online | 3956478 |
| Frankenpost | 111096 |
| Heimatszeitung de | 32299 |
| Idowa Mediendienste | 100129 |
| Mittelbayerische de | 359942 |
| Neuepresse Coburg | 43396 |
| Onetz | 97990 |
| Passauer neue Presse | 452414 |
| Schaltenblick | 54692 |
| Schwabische de | 440220 |
| Stadtzeitung | 8263 |
| Suddeutsone Zeitung | 3722674 |
| **Total No.** | **31022312** |

* Augsburger Allgemeine ଖବରକାଗଜ ନିଜ ଇଂଟରନେଟ୍ ପ୍ରସାରଣରେ ଏପରି ହେଡ୍‌ଲାଇନ୍ ସହିତ ଖବର ପ୍ରସାରଣ କରିଥିଲା 'ଜମାତ୍ ଅହେମଦୀୟା ଆଗସ୍‌ବର୍ଗର ତୃତୀୟ ମସ୍‌ଜିଦ୍‌ର ଉଦ୍‌ଘାଟନ' । ଦ୍ୱିତୀୟ ହେଡ୍‌ଲାଇନ୍‌ଟି ହେଲା 'ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ପାଇଁ ଖଲିଫା ନିଜେ ଲଣ୍ଡନରୁ ଆଗସ୍‌ବର୍ଗ ଆସିଛନ୍ତି । ଯମାତ ନିଜକୁ ଶାନ୍ତିପ୍ରିୟ ଇସ୍‌ଲାମ୍‌ର ରାଜଦୂତ ବୋଲି କହୁଅଛି ।

ଯମାତ୍‌ର ଇତିହାସର ପରିଚୟ ଦେଇ ଜର୍ନାଲିଷ୍ଟ ଜଣକ ଲେଖିଲେ ଯେ ୬୭ବର୍ଷୀୟ ବିଶ୍ୱବ୍ୟାପି ଯମାତ୍ ଅହେମଦୀୟାର ଖଲିଫା ଆଧାତ୍ମିକ ନେତା ଅଟନ୍ତି । ଖଲିଫାଙ୍କର ଜର୍ମାନୀରେ କେବଳ ଆଗସ୍‌ବର୍ଗ ପାଇଁ ଆସିନାହାଁନ୍ତି ବରଂ ଅତ୍ୟନ୍ତ ବ୍ୟସ୍ତପୂର୍ଣ୍ଣ ଯାତ୍ରା ଅଛି । ଏହା ପୂର୍ବରୁ ଯେଉଁ ଖଲିଫା ଥିଲେ ସେ ଜମାତ୍ ଅହେମଦୀୟା ଜର୍ମାନୀର ୧୦୦ ବର୍ଷ ଯୁବୁଲି ଅବସରରେ ୧୦୦ ଗୋଟି ମସ୍‌ଜିଦ୍ ନିର୍ମାଣ ପାଇଁ ଆହ୍ୱାନ୍ ଦେଇଥିଲେ । ସେହି ଅନ୍ତର୍ଗତ ଆଗସ୍‌ବର୍ଗ ମସ୍‌ଜିଦ୍‌ର ସଂଖ୍ୟା ୫୧ ଅଟେ । ମସ୍‌ଜିଦ୍‌ର ସମ୍ପୂର୍ଣ୍ଣ ଖର୍ଚ୍ଚ ୬ ଲକ୍ଷ୍ୟ ୟୁରୋ ଅଟେ ଯାହାକୁ ଯମାତ୍‌ର ଲୋକମାନେ ସମର୍ପଣ କରିଛନ୍ତି ।

* Augsburger Allgemeine ଖବରକାଗଜ ନିଜର ଦ୍ୱିତୀୟ ଅଙ୍କରେ ଏକ ହେଡ୍‌ଲାଇନ୍ ସହିତ ମସ୍‌ଜିଦ୍ ବଇତୁଲ୍ ନସିର୍‌ର ଉଦ୍‌ଘାଟନୀ ଉତ୍ସବର ଖବର ଏପରି ଦେଲେ ଯେ 'ଯମାତ୍ ଅହେମଦୀୟା ନିଜ ମସ୍‌ଜିଦ୍‌ର ଉଦ୍‌ଘାଟନ କିପରି କଲା । ଦ୍ୱିତୀୟ ହେଡ୍‌ଲାଇନ୍‌ରେ ଲେଖିଲେ 'ଗୋଟିଏ ଉତ୍ସବ' । ଏହି ମୁସଲମାନ ଯମାତ୍ ନିଜର ଉପାସନା ପୀଠର ଉଦ୍‌ଘାଟନୀ ଉତ୍ସବ ଓଭର୍ ହାଉଜେନ୍‌ରେ ପାଳନ କରିଛନ୍ତି । ଖଲିଫା ଇସ୍‌ଲାମିକ୍ ଷ୍ଟେଟ୍‌ର କାର୍ଯ୍ୟକୁ ତିରସ୍କାର କରିଛନ୍ତି ।....

ସୁରକ୍ଷା ବ୍ୟବସ୍ଥା ସହିତ ୨୮୦ ଜଣ ବିଶେଷ ଅତିଥି କଂଗ୍ରେସ ହଲ୍‌ରେ ଏକତ୍ରିତ ହେଲେ ଏବଂ ସ୍ତ୍ରୀ ଲୋକମାନଙ୍କ ପାଇଁ ଅଲଗା ହଲ୍‌ର ବ୍ୟବସ୍ଥା କରାଯାଇଥିଲା । ଜଣେ ସ୍ଥାନୀୟ ନୁଆ ଅହେମଦୀ ମହିଳା କହିଲେ ଯେ ତାଙ୍କୁ Gender Segeration ଦ୍ୱାରା କୌଣସି ସମସ୍ୟା ଉପୁଜି ନାହିଁ ।

*ଏହିପରି ଆଉଗୋଟିଏ ଅନ୍‌ଲାଇନ୍ ଖବର କାଗଜ stadt zeitung ନିଜର ହେଡ୍‌ଲାଇନ୍‌ରେ ଲେଖି

ପ୍ରସାରଣ କଲା 'ଆଗସ୍‌ବର୍ଗ ସହରର ପ୍ରଥମ ମସ୍‌ଜିଦ୍ ମସ୍‌ଜିଦ୍ ବଇତୁଲ୍ ନସିର୍ ର ଉଦ୍‌ଘାଟନ' ଦ୍ୱିତୀୟ ହେଡ୍‌ଲାଇନ୍‌ରେ ଲେଖିଲା ଯେ ଯମାତ୍ ଅହେମଦୀୟା ଆଗସ୍‌ବର୍ଗ ପାଇଁ ଏହା ଏକ ବଡ଼ ଅବସର ଥିଲା । ମସ୍‌ଜିଦ୍‌ର ଉଦ୍‌ଘାଟନ ନିମନ୍ତେ ମହାମହିମ ଖଲିଫତୁଲ୍ ମସିହ୍ ଲଣ୍ଡନ୍‌ରୁ ଆସିଛନ୍ତି । ଏ ମସ୍‌ଜିଦ୍ ଆଗସ୍‌ବର୍ଗ ସହରର ପ୍ରଥମ ମସ୍‌ଜିଦ୍ ଅଟେ ।....

**୧୨ ଏପ୍ରିଲ୍-୨୦୧୭ (ବୁଧବାର)**

ନମାଜ୍ ଫଜର୍ ପଢ଼ିବା ପାଇଁ ହୋଟେଲ୍ ମ୍ୟାରିଏଟ୍‌ରେ ଗୋଟିଏ ହଲ୍‌ର ବ୍ୟବସ୍ଥା କରାଯାଇଥିଲା । ସ୍ଥାନୀୟ ଯମାତ୍‌ର ଲୋକେ ସ୍ତ୍ରୀ ପୁରୁଷ ନମାଜ ପଢ଼ିବା ପାଇଁ ପ୍ରୋଗ୍ରାମ ମୁତାବକ ହୋଟେଲ୍‌ରେ ପହଂଚିଲେ । ହଜୁର୍ ଅନୁଓ୍ୱର୍ ୫:୩୦ ରେ ଆସି ନମାଜ ପଢ଼ାଇଲେ । ଏହାପରେ ଆପଣ ନିଜର ରହିବା ସ୍ଥଳକୁ ପ୍ରତ୍ୟାଗମନ କଲେ ।

**ଫ୍ୟାମିଲି ସାକ୍ଷାତ୍‌କାର**

ପ୍ରୋଗ୍ରାମ୍ ମୁତାବକ ୧୦:୩୦ ରେ ହଜୁର୍ ଅନୁଓ୍ୱର୍ ହୋଟେଲ୍‌ରୁ ବାହାରକୁ ଆସିଲେ ଓ ମସ୍‌ଜିଦୁଲ୍ ମେହେଦୀ ନିମନ୍ତେ ଯାତ୍ରା ଆରମ୍ଭ କଲେ । ପାଖାପାଖି ୧୧:୦୦ ସମୟରେ ହଜୁର୍ ମସ୍‌ଜିଦୁଲ୍ ମେହେଦୀରେ ଶୁଭାଗମନ କଲେ । ଯମାତ୍ ଅହେମଦୀୟା ପୁଣି ଥରେ ହଜୁର୍ ଅନୁଓ୍ୱର୍‌ଙ୍କର ସ୍ୱାଗତ୍ କଲେ । ଛୋଟଛୋଟ ପିଲାମାନେ ନଜମ୍ ପରିବେଷଣ କଲେ । ହଜୁର ଅନୁଓ୍ୱର୍ ସମସ୍ତଙ୍କୁ ଅସ୍‌ସଲାମୋ ଆଲେକୁମ୍ କହିଲେ ଏବଂ ମସ୍‌ଜିଦ୍‌ର ହଲ୍‌ରେ ପ୍ରବେଶ କଲେ ଯେଉଁଠି ପ୍ରୋଗ୍ରାମ୍ ମୁତାବକ ଫ୍ୟାମିଲି ସାକ୍ଷାତ୍‌କାର ଆରମ୍ଭ ହେଲା । ଆଜିର ଏହି ସେସନ୍‌ରେ ୪୧ଟି ଫ୍ୟାମିଲିର ୧୬୨ ଜଣ ଲୋକ ନିଜର ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ଗୌରବ ହାସଲ କଲେ । ସାକ୍ଷାତ୍ କରିଥିବା ମ୍ୟୁନିଖ୍ ଫ୍ୟାମିଲିଙ୍କ ବ୍ୟତୀତ ଆଖପାଖର ନିମ୍ନଲିଖିତ ଯମାତ୍‌ରୁ ମଧ୍ୟ ଲୋକେ ଆସିଥିଲେ ।

| | |
|---|---|
| Aalen | Weingarten |
| Augsberg | Goeppingen |
| Ulm-donau | Nuernberg |
| Neufahrn | Kempten |
| Regensburg | SambachAmInn |
| Waiblingen | Boiblingen |

ଏହି ସବୁ ଫ୍ୟାମିଲିର ଲୋକମାନେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର୍ ଅନୁଓ୍ୱର୍ ସ୍ନେହର ସହିତ ଶିକ୍ଷା ଅର୍ଜନ କରୁଥିବା ବାଳକ ବାଳିକାଙ୍କୁ କଲମ ପ୍ରଦାନ କଲେ ଏବଂ ଛୋଟ ବୟସର ପିଲାମାନଙ୍କୁ ଚକୋଲେଟ୍ ଉପହାର ଦେଲେ । ଏହି ପ୍ରୋଗ୍ରାମ ୧:୧୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ଇନ୍‌ଚାର୍ଜ ପ୍ରେସ୍ ମିଡ଼ିଆ ଅଫିସ୍ ମୋକରମ୍ ଆବିଦ ଓ୍ୱହିଦ୍ ଖାନ୍ ସାହେବ୍ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଦଫତରି ସାକ୍ଷାତ୍ କଲେ । ଏହାପରେ ସ୍ଥାନୀୟ ଯମାତ୍‌ର ଆମେଲା ଓ ଅନ୍ୟାନ୍ୟ ଯମାତ୍‌ର ଓ୍ୱହଦାଦାରମାନେ ହଜୁରଙ୍କ ସହିତ ଫଟୋ ଉଠାଇଲେ । ଏହାପରେ ହଜୁର୍ ଅନୁଓ୍ୱର୍ ନମାଜ ଜୋହର୍ ଅସର୍ ଏକତ୍ର କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ହୋଟେଲ୍‌କୁ ପ୍ରତ୍ୟାଗମନ କଲେ ।

ମସ୍‌ଜିଦୁଲ୍ ମେହେଦୀ ମ୍ୟୁନିଖ୍ ସହିତ ସଂଲଗ୍ନ ଇଲାକା ନିଉ ଫାରନ୍‌ରେ ଅବସ୍ଥିତ । ୯-୬-୨୦୧୪ ରେ ହଜୁର୍ ଅନୁଓ୍ୱର୍ ନିଜର ଜର୍ମାନୀ ଗସ୍ତ ସମୟରେ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ କରିଥିଲେ । ମସ୍‌ଜିଦ୍‌ର ପ୍ଲଟ୍ ୧୦୦୦ ସ୍କୋୟାରମିଟର୍ ଅଟେ । ଏହା ୧୧ ଜୁନ୍ ୧୯୮୬ ମସିହାରେ କିଣାଯାଇଥିଲା ।....

ମ୍ୟୁନିଖ୍ ସହର ଏବଂ ଏହି ଇଲାକାର ଗୋଟିଏ ଗୁରୁତ୍ୱ ଅଛି ଯେ ମ୍ୟୁନିଖ୍ ସହରର ଗୋଟିଏ ମହଲା ପାସଂରେ ରହୁଥିବା ଜଣେ ଜର୍ମାନୀ ମହିଳା କ୍ୟାରୋଲାମନ୍ ସାହିବା ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଗୋଚରେ ଗୋଟିଏ ଚିଠି ଲେଖିଥିଲେ । ତାଙ୍କର ଏହି ଚିଠିଟି ୧୪ ମାର୍ଚ୍ଚ ୧୯୦୭ ବଦର ସଂଖ୍ୟାରେ ''ଜର୍ମାନୀରୁ ଗୋଟିଏ ନିଷ୍ଠାପୂର୍ଣ୍ଣ ଚିଠି'' ଶୀର୍ଷକ ନାମରେ ସ୍ଥାନ ପାଇଛି । ସେ ହଜରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ଲେଖିଥିବା ଚିଠିର ଗୋଟିଏ ଭାଗ ଉପସ୍ଥାପନ କରୁଛୁ:- ''ମୁଁ କେତେ ମାସ ହେଲା ଆପଣଙ୍କୁ ଚିଠି ଲେଖିବା ପାଇଁ ଆପଣଙ୍କ ଠିକଣା ଖୋଜୁଥିଲି । ଶେଷରେ ମୋତେ ଜଣେ ବ୍ୟକ୍ତି ମିଳିଲେ ଯିଏ ଆପଣଙ୍କର ଠିକଣା ମୋତେ ଦେଲେ । ମୁଁ ଆପଣଙ୍କୁ ଚିଠି ଲେଖିବା ଯୋଗୁଁ କ୍ଷମା ପ୍ରାର୍ଥନା କରୁଛି । କିନ୍ତୁ କୁହାଯାଉଛି ଯେ ଆପଣ ଖୁଦାଙ୍କ ପ୍ରିୟ ରସୁଲ୍ ଅଟନ୍ତି । ଏବଂ ମସିହ୍ ମଉଦ୍‌ର ଶକ୍ତି ନେଇ ଆସିଛନ୍ତି । ମୁଁ ହୃଦୟରୁ ମସିହ୍‌ଙ୍କୁ ପ୍ରେମ କରୁଛି । ଆପଣ ବିଶ୍ୱାସ କରନ୍ତୁ ଯେ ହେ ପ୍ରିୟ ମିର୍ଜା! ମୁଁ ଆପଣଙ୍କର ଜଣେ ନିଷ୍ଠାବାନ୍ ସାଥି ଅଟେ ।''

ଏବେ ଅଲ୍ଲାଃତାଲାଙ୍କ ଦୟାରୁ ମ୍ୟୁନିଖ୍ ଏବଂ ଏହାର ଆଖପାଖ ଅଂଚଳରେ ବହୁତ ଗୁଡିଏ ଯମାତ୍ ହୋଇସାରିଛି ଏବଂ ଯମାତ୍ ଅହେମଦୀୟାର ମସ୍‌ଜିଦ୍ ଅଲ୍‌ମେହେଦୀ ନିର୍ମାଣ ହୋଇସାରିଛି ଏବଂ ଯମାତ୍ ଅହେମଦୀୟା ଆଗକୁ ବଢ଼ି ଚାଲିଛି ।...

୩:୫୦ ରେ ହଜୁର୍ ଅନୁଓ୍ୱର୍ ହୋଟେଲ୍‌ରୁ ବାହାରିଲେ ଏବଂ ସମସ୍ତଙ୍କୁ ଅସ୍‌ସଲାମୋ ଆଲେକୁମ୍ କହିଲେ । ତତ୍‌ପରେ ଇଜିତିମାଇ ଦୁଆ କରାଇଲେ ଓ ଏଠାରୁ ଫ୍ରାନ୍‌କଫ୍ରଟ୍ ନିମନ୍ତେ ଯାତ୍ରା ଆରମ୍ଭ କଲେ । ପାଖାପାଖି ୩ ଘଂଟା ୪୫ ମିନିଟ୍ ଯାତ୍ରା ପରେ ଠିକ୍ ୭:୩୫ ରେ ବୈତୁଲ୍ ସୁବୁହୁ ଫ୍ରାନ୍‌କଫର୍ଟ୍‌ରେ ଶୁଭାଗମନ ହେଲା ।....

**୧୩ ଏପ୍ରିଲ୍-୨୦୧୭ (ଗୁରବାର)**

ହଜୁର୍ ଅନୁଓ୍ୱର୍ ୫:୩୦ରେ ଫଜର୍ ନମାଜ ପଢ଼ାଇଲେ । ଏହାପରେ ନିଜର ରହିବା ସ୍ଥଳୀକୁ ପ୍ରତ୍ୟାଗମନ କଲେ । ସକାଳେ ଦଫ୍‌ତରି ଡାକ ଓ ପୃଥିବୀର ବିଭିନ୍ନ ଦେଶରୁ ଆସିଥିବା ରିପୋର୍ଟ ଓ ଚିଠି ଦେଖିଲେ । ଯେବେଠାରୁ ହଜୁର୍ ଅନୁଓ୍ୱର୍ ଜର୍ମାନୀ ଆସିଛନ୍ତି ଦୁନିଆର ବିଭିନ୍ନ ଦେଶର ଯମାତ୍‌ରୁ ପ୍ରତ୍ୟହ ଫ୍ୟାକ୍ସ୍ ଏବଂ ଇ-ମେଲ୍ ଜରିଆରେ ଚିଠି ଓ ରିପୋର୍ଟ ପ୍ରାପ୍ତ ହୋଇଅଛି ।...

**ଫ୍ୟାମିଲି ସାକ୍ଷାତ୍‌କାର**

ପ୍ରୋଗ୍ରାମ୍ ମୁତାବକ ୬:୨୦ରେ ହଜୁର୍ ଅନୁଓ୍ୱର ଦଫତର୍‌କୁ ଆସିଲେ । ସେଠି ଫ୍ୟାମିଲି ସାକ୍ଷାତ୍‌କାର ଆରମ୍ଭ ହେଲା । ଆଜି ସନ୍ଧ୍ୟାର ଏହି ସେସନ୍‌ରେ ୩୭ ଫ୍ୟାମିଲିର ୧୩୦ ଜଣ ଲୋକ ନିଜର ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କଲେ ଏବଂ ଫଟୋ ଉଠାଇଲେ । ହଜୁର୍ ଅନୁଓ୍ୱର୍ ଛାତ୍ରଛାତ୍ରୀମାନଙ୍କୁ କଲମ ଏବଂ ଛୋଟ ପିଲାଙ୍କୁ ଚକୋଲେଟ୍ ସ୍ନେହର ସହିତ ପ୍ରଦାନ କଲେ ।

ଆଜିର ସାକ୍ଷାତ୍‌କାରରେ ଭାଗ ନେଇଥିବା ଫ୍ରାନ୍‌କଫର୍ଟ୍ ର ବିଭିନ୍ନ ହଲ୍‌କା ବ୍ୟତୀତ ଆଖପାଖର ଛୋଟ ଛୋଟ ଯମାତ୍‌ର ଲୋକମାନେ ଭାଗ ନେଇଥିଲେ । ଜର୍ମାନୀରୁ ଆସିଥିବା କିଛି ଫ୍ୟାମିଲି ଏବଂ ଲୋକମାନେ ବହୁତ ଦୂର ଯାତ୍ରା କରି ଏଠାରେ ପହଂଚିଛନ୍ତି । କାସେଲ୍‌ରୁ ୨୦୦କି.ମି., ଷ୍ଟଟ୍‌ଗାର୍ଟ୍‌ରୁ ୨୩୦କି.ମି.,.. ଇତ୍ୟାଦି । ସବୁ ଲୋକମାନେ ହଜୁରଙ୍କ ସହିତ ସାକ୍ଷାତ୍ କରି ବରକତ୍‌କୁ ସାଥିରେ ନେଇ ବାହାରକୁ ଆସୁଥିଲେ । ସମସ୍ୟାରେ ସଂଘର୍ଷ କରୁଥିବା ଲୋକମାନେ ନିଜର ଦୁଃଖ ଦୂର କରିବା ପାଇଁ ଦୁଆର ଦରଖାସ୍ତ କଲେ । ରୋଗୀମାନେ ସ୍ୱାସ୍ଥ୍ୟ ପାଇବା ପାଇଁ ଦୁଆ ହାସଲ କଲେ । ପ୍ରତ୍ୟେକ ଦୁଃଖୀ ବ୍ୟକ୍ତି ହସି ହସି ବାହାରକୁ ଆସୁଥିଲେ । ଛାତ୍ରଛାତ୍ରୀମାନେ ପରୀକ୍ଷାରେ ସଫଳ ପାଇବା ପାଇଁ ଦୁଆ ହାସଲ କଲେ ।...

ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଏହି ଦିନଗୁଡିକ ବହୁତ ମୋବାରକ୍ ଦିନ ଥିଲା ଏବଂ ଜର୍ମାନୀର ଯମାତ୍‌ର ମର୍କଜି ସେଂଟର୍ ବୈତୁଲସବୁ ଠାରେ ଗୋଟିଏ ଇଦ୍‌ର ପରିବେଶ ଥିଲା । ସକାଳେ ସଂଧ୍ୟାରେ ଲୋକମାନେ ହଜୁର୍ ଅନୁଓ୍ୱର୍‌ଙ୍କ ଦର୍ଶନ ପାଇଁ ଏଠାରେ ଭିଡ଼ ଜମାଉଥିଲେ । ବିଶେଷ କରି ନମାଜ ସମୟରେ ପାଦ ରଖିବା ପାଇଁ ଯାଗା ମିଳୁନଥିଲା । ପୁରୁଷଙ୍କର ହଲ୍ ଓ ସ୍ତ୍ରୀମାନଙ୍କର ହଲ ସବୁ ଭର୍ତି ରହୁଥିଲା ଏପରିକି ଡାଇନିଂ ହଲ୍‌ରେ ମଧ୍ୟ ସଫ ବିଛାଯାଇଥିଲା । କୋଠୀର ବାହାରେ ଖୋଲା ଯାଗାରେ ମଧ୍ୟ ସଫ ବିଛାଯାଉଥିଲା । ମସ୍‌ଜିଦ୍‌ର ବାହାରେ ମଧ୍ୟ ଯାଗା ମିଳୁନଥିଲା ବିଶେଷ କରି ଫଜର ନମାଜ ଓ ତହେଜୁଦ୍ ସମୟରେ ହଲ୍‌ଗୁଡିକ ଭର୍ତି ହେବା ଆରମ୍ଭ ହୋଇଯାଉଥିଲା । ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରିୟ ହଜୁରଙ୍କ ଦର୍ଶନ କରିବାର ହାତଛଡା କରୁନଥିଲେ । ଅଲ୍ଲାଃତାଲା ସମସ୍ତଙ୍କୁ ବରକତ୍ ପ୍ରଦାନ କରନ୍ତୁ ଓ ସମସ୍ତଙ୍କୁ ନିଜ ସୁରକ୍ଷା ବଳୟରେ ରଖନ୍ତୁ ।

**(ବ ହୱାଲା ଅଖବାର୍ ବଦର୍ ୧୧ ମଇ ୨୦୧୭)**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 27 JULY 2017 Issue No. 30
ANNUAL SUBSCRIPTION:Rs.300/- (Per Issue:Rs.6/-) (WEIGHT - 20-50gms/issue)

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr


# ସୟଦ୍‌ନା ହଜ୍‌ରତ୍‌ ଅମିରୁଲ୍‌ ମୁମିନିନ୍‌ ଖଲିଫତୁଲ୍‌ ମସିହିଲ୍‌ ଖାମିସ୍‌ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ ଏପ୍ରିଲ୍‌ ୨୦୧୭

* ଖଲିଫତୁଲ୍‌ ମସିହ୍‌ଙ୍କ କଥାଗୁଡିକ ମୋ ହୃଦୟ ଉପରେ ଗଭୀର ଛାପ ପକାଇଛି । ମୁଁ ଜାଣି ନଥିଲି ଯେ ଇସ୍‌ଲାମୀୟ ଶିକ୍ଷା ଏତେ ଉତମ ଓ ସୁନ୍ଦର ବୋଲି * ଆଜି ଏଠାକୁ ଆସି ଖଲିଫତୁଲ୍‌ ମସିହ୍‌ଙ୍କ ଦେଖିକରି ଓ ଆପଣଙ୍କ କଥା ଶୁଣି ମୋତେ ଏକ ବିଶେଷ ଆଧ୍ୟାତ୍ମିକତାର ଅନୁଭବ ହେଉଅଛି ଯାହାର ପ୍ରଭାବ ମୋ ଉପରେ ପଡ଼ିଛି । ମୋ ହୃଦୟରେ ଯେତେ ସଙ୍କୋଚ ଥିଲା ତାହା ସବୁ ଦୂର ହୋଇଯାଇଛି * ସବୁ ମୁସଲମାନ୍‌ମାନେ ଏପରି ହୋଇଥାଆନ୍ତେ କି, ଖଲିଫାଙ୍କ ଚେହେରାରୁ ନୁର୍‌, ଧୈର୍ଯ୍ୟ ଓ ଶାନ୍ତି ଝଲକୁଥିଲା * ହଜୁର୍‌ଙ୍କ ଶାନ୍ତିପ୍ରିୟ ପବିତ୍ର ଚେହେରା ହୃଦୟ ଉପରେ ଗଭୀର ଛାପ ପକାଇଲା, ଆପଣଙ୍କ ବ୍ୟକ୍ତିତ୍ୱ ପ୍ରଭାବଶାଳୀ ଅଟେ । ଆପଣଙ୍କ ଅପରିକଳ୍ପିତ ଭାଷଣ ଓ ଅନ୍ୟ ବକ୍ତାଙ୍କର ଭାଷଣ ଉପରେ ଟିପ୍‌ପଣୀ କରିବା ବହୁତ ପସନ୍ଦ ଆସିଲା * ମହାମହିମ ଖଲିଫତୁଲ୍‌ ମସିହ୍‌ଙ୍କୁ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଏବଂ ଏହା ଶାନ୍ତିପ୍ରିୟ ଧର୍ମ ରୂପେ ଉପସ୍ଥାପନ କରିବାରେ କୌଣସି ପ୍ରକାରର ତିଳେ ମାତ୍ର ସଙ୍କୋଚ ହେଲା ନାହିଁ । ଏହାମୋତେ ବହୁତ ପ୍ରଭାବିତ କଲା * ମହାମହିମ ଖଲିଫତୁଲ୍‌ ମସିହ ଜଣେ ବୁଦ୍ଧିମାନ୍‌ ବ୍ୟକ୍ତିତ୍ୱ ଅଟନ୍ତି । ମୋତେ ଅନୁଭବ ହେଲା ଯେ ଆପଣ ନିଜ ଜମାତ୍‌ର ଲୋକମାନଙ୍କୁ ବହୁତ ପ୍ରେମ କରୁଛନ୍ତି * ସମ୍ମାନୀୟ ଖଲିଫତୁଲ୍‌ ମସିହ୍‌ଙ୍କ ଚେହେରାରୁ ଶାନ୍ତୀୟ ରଶ୍ମୀ ବିଚ୍ଛୁରିତ ହେଉଥିଲା ଏବଂ ଅନୁଭବ ହେଉଥିଲା ଯେ ସେ ଜଣେ ଅତ୍ୟନ୍ତ ସମ୍ମାନୀୟ ଏବଂ ବୈଭବଶାଳୀ ମନୁଷ୍ୟ ଅଟନ୍ତି ।

**ହଜୁର୍‌ ଅନ୍ନୁଓ୍ୱର୍‌ ଅ:ବ:ଅ ଙ୍କ ଭାଷଣ ଶୁଣିବା ପରେ ଅତିଥି ମହୋଦୟଙ୍କ ମନୋଭାବ**

**(ରିପୋର୍ଟ: ଅବ୍‌ଦୁଲ୍‌ ମାଜିଦ୍‌ ତାହେର୍‌, ଏଡ଼ିଶିନାଲ୍‌ ୱକିଲୁଲ୍‌ ତବ୍‌ଶିର୍‌ ଲଣ୍ଡନ)**

**୧୧ ଏପ୍ରିଲ୍‌ ୨୦୧୭ ର ବାକି ରିପୋର୍ଟ**

**ମିଡ଼ିଆ ପ୍ରତିନିଧିମାନଙ୍କ ସହିତ ହଜୁର୍‌ ଅନ୍ନୁଓ୍ୱର୍‌ଙ୍କ ଇଂଟରଭ୍ୟୁ**

AUGSBERG TV

AUGSBERG ALLGEMEINE ZEITUNG

DIGITAL RADIO AUGSBERG

SONNTAG PRESS AUGSBERG

* ଜଣେ ଜର୍ନାଲିଷ୍ଟ ପ୍ରଶ୍ନ କଲେ ଯେ ହଜୁର୍‌ ଅନ୍ନୁଓ୍ୱର୍‌ ନିଜ ଭାଷଣରେ କହିଥିଲେ ଯେ ଆମକୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାର ଚେହେରା ଦେଖାଇବାକୁ ହେବ । ତାହା ହେଉଛି ମାନବ ଜାତିର ସମ୍ମାନ କରିବାକୁ ହେବ । ଆମେ ଏହା କହିବାକୁ ଚାହୁଁଛୁ ଯେ ଇସାଇ, ୟହୁଦୀ ଓ ମୁସଲମାନମାନଙ୍କ ପାଇଁ କଣ କରିବା ଜରୁରୀ ଅଟେ । ଏହାର ଉତରରେ ହଜୁର୍‌ ଅନ୍ନୁଓ୍ୱର୍‌ କହିଲେ ମୁଁ ବିଶେଷ ରୂପେ ପ୍ରେସ୍‌ ବାଲାଙ୍କ କହିବାକୁ ଚାହୁଁଛି ଯେ ଯେତେବେଳେ ଆପଣ ଇସ୍‌ଲାମ୍‌ର ସେହି ଅଣବାସ୍ତବିକ ଚେହେରାକୁ ଦେଖୁଛନ୍ତି ଯାହାକୁ ଦାଏଶ୍‌ ଅତ୍ୟାଚାର କରି ଉପସ୍ଥାପନ କରୁଅଛି ତେବେ ଆପଣ ଏହାକୁ ମୁଖ୍ୟ ଖବର ରୂପେ ବଡ଼ବଡ଼ ଅକ୍ଷରରେ ପ୍ରସାରଣ କରୁଅଛ । କିନ୍ତୁ ଯେତେବେଳେ ଆମେ ଆମର ବାର୍ତା ଉପସ୍ଥାପନ କରୁଛୁ ଏବଂ ଲକ୍ଷ୍ୟ ଲକ୍ଷ୍ୟ ଲୋକ ବାର୍ଷିକ ସମ୍ମିଳନୀରେ ସାମିଲ୍‌ ହେଉଛନ୍ତି ତେବେ ଆପଣମାନେ ଏହି ବିଷୟର ଖବର ଦେଉନାହାଁନ୍ତି । ମୁଁ ଜାଣିନାହିଁ ଯେ ଆମର ପ୍ରେସ୍‌ବାଲାଙ୍କ ସହିତ ସମ୍ପର୍କ ଠିକ୍‌ ନାହିଁ ବା ଅନ୍ୟ କୌଣସି ସମସ୍ୟା ଅଛି ବା ଆପଣମାନେ ଏପରି ଖବରକୁ ଦେଉନାହାଁନ୍ତି ଯାହା ରୋମାଂଚକର ନୁହେଁ । ଯଦି ଆପଣମାନେ ଇସ୍‌ଲାମ୍‌ର ବାସ୍ତବିକ ଚେହେରାକୁ ଉପସ୍ଥାପନ କରିବାକୁ ଚାହୁଁଛନ୍ତି ତେବେ ଏହି ବାର୍ତାକୁ ପ୍ରସାରଣ କରନ୍ତୁ ଯାହାକୁ ଆମେ ଉପସ୍ଥାପନ କରୁଅଛୁ ।

* ଜଣେ ଜର୍ନାଲିଷ୍ଟ ପ୍ରଶ୍ନ କଲେ ଯେ କିପରି ପ୍ରତ୍ୟେକ ଧର୍ମ ମିଳିମିଶି ରହିପାରିବେ ଆମେ ସେଥିପାଇଁ କଣ କରିପାରିବା ? ଏହି ପ୍ରଶ୍ନର ଉତରରେ ହଜୁର୍‌ ଅନ୍ନୁଓ୍ୱର୍‌ କହିଲେ: ପବିତ୍ର କୋରାନ୍‌ କହୁଛି ଯେ ଆପଣଙ୍କର ଧର୍ମ ଆପଣଙ୍କର ଏବଂ ମୋ ଧର୍ମ ମୋର । ଏବଂ ଧର୍ମ ବିଷୟରେ କୌଣସି ବାଧ ବାଧକତା ନାହିଁ । ଯଦି ମୁଁ ଉତମ ଖବର ଦେଉଛି ତେବେ କିଛି ଲୋକ ତାକୁ ଗ୍ରହଣ କରୁଛନ୍ତି ଏପରିକି ପ୍ରତ୍ୟେକ ବର୍ଷ ଚାରି ପାଂଚଲକ୍ଷ୍ୟରୁ ଅଧିକ ଲୋକ ଗ୍ରହଣ କରୁଛନ୍ତି ଏବଂ ଆମ ଯମାତରେ ସାମିଲ୍‌ ହେଉଛନ୍ତି । ଏହା ଭଲ ଖବର ଅଟେ । ସେଥିଯୋଗୁଁ ସେମାନେ ଆମ ଯମାତ୍‌ରେ ଦାଖଲ ହେଉଛନ୍ତି । ଆମେ ସବୁବେଳେ ଏହା କହୁଅଛୁ ଯେ ବିଭିନ୍ନ ଧର୍ମର ଅନୁଯାୟୀ ହେବା ସତ୍ୱେ ଉଦାହରଣ ସ୍ୱରୂପ ଇସାଇ, ୟହୁଦୀ, ମୁସଲମାନ୍‌, ବୌଧ, ହିନ୍ଦୁ ଓ ଶିଖ୍‌ ମାନେ ଅଟନ୍ତି । କିନ୍ତୁ ଏହି ସମସ୍ତଙ୍କର ଗୋଟିଏ କଥା ସମାନ ଅଟେ । ତାହା ହେଉଛି ଖୁଦାତାଲା । ତେଣୁ ଆମେ ଖୁଦାତାଲାଙ୍କୁ ଖୁସି କରାଇବା ପାଇଁ ଆପୋଷରେ ମିଳିମିଶି ରହିବା ଉଚିତ୍‌ । ଦ୍ୱିତୀୟ ସମାନତାରେ ଜିନିଷଟି ମାନବିକତା ଅଟେ । ତେଣୁ ମାନବିକ ସୁରକ୍ଷା ପାଇଁ ଆମକୁ ଆପୋଷରେ ମିଳିମିଶି, କାନ୍ଧରେ କାନ୍ଧ ମିଶାଇ, ଶାନ୍ତିପ୍ରିୟ ହୋଇ ଏବଂ ପ୍ରେମର ରହିବା ଉଚିତ୍‌ । ହଜୁର ଅନ୍ନୁଓ୍ୱର୍‌ କହିଲେ ଜଣେ ଅନ୍ୟଜଣଙ୍କ ସହିତ ରହିବାର ଅର୍ଥ ଜଣେ ଅନ୍ୟକୁ ଜାଣିବା ଅଟେ । ଆପଣଙ୍କ ନିଜର ଗୋଟିଏ ଦୃଷ୍ଟି ଓ ମୋର ଗୋଟିଏ ନିଜର ଦୃଷ୍ଟି । ଗୋଟିଏ ପରିବାର ଭିତରେ ମଧ୍ଯ ଭାଇ ଭଉଣୀଙ୍କର ଭିନ୍ନ ଭିନ୍ନ ଦୃଷ୍ଟିକୋଣ ଥାଏ । ତେଣୁ ଜରୁରୀ ନୁହେଁ ଯେ ଜଣେ ଅନ୍ୟଜଣଙ୍କ ଦୃଷ୍ଟିକୋଣ ସହିତ ଏକମତ ହେବ । ତେବେ କଣ ତାଙ୍କ ବାବଦରେ ଭଲ ମନ୍ଦ କହିବେ । ବରଂ ଆପଣ ସେମାନଙ୍କ ସହିତ ପ୍ରେମର ସହିତ ରହିବେ । ତେଣୁ ଆମେ ବିଭିନ୍ନ ଧର୍ମ ଉପରେ ବିଶ୍ୱାସ ରଖିଥିଲେ ମଧ୍ଯ ଗୋଟିଏ ପରିବାର ପରି ରହିବା ଉଚିତ୍‌ ।

* ଜଣେ ଜର୍ନାଲିଷ୍ଟ କହିଲେ ଯେ ଆଜିର ଏହି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଏପରି ସମୟରେ କରିଛନ୍ତି ଆପଣଙ୍କ ନିକଟରେ ଏହାର କଣ ଗୁରୁତ୍ୱ ଅଛି ଯଦିଚ ସଂସାରରେ ସନ୍ତ୍ରାସବାଦ ବ୍ୟାପି ଚାଲିଛି ଏବଂ ଜଣେ ଅନ୍ୟଜଣଙ୍କ ବିରୁଦ୍ଧରେ ଯୁଦ୍ଧ କରୁଅଛି ? ଏହାର ଉତରରେ ହଜୁର୍‌ ଅନ୍ନୁଓ୍ୱର୍‌ କହିଲେ ସେଇଥିପାଇଁ ତ ମୁଁ ଆଜି ଏହି ବାର୍ତା ଦେଇଛି ଯେ ବାସ୍ତବିକ ଇସ୍‌ଲାମ୍‌ ତାହା ଅଟେ ଯାହାକୁ ଆମେ ଉପସ୍ଥାପନ କରୁଅଛୁ ଏବଂ ଯାହାର ପ୍ରସାରଣ ଆମେ

ଅବଶିଷ୍ଟାଂଶ ପୃଷ୍ଠା-୮ ରେ ଦେଖନ୍ତୁ.......

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan